## ସଂକ୍ଷେପରେ

### ମଦମୁକ୍ତି ଯୁବ ବାହିନୀର ରାଲି

**ହେମଗିର,୨।୧୦(ଡି.ଏନ୍.ଏ.):** ଗାନ୍ଧୀ ଜୟନ୍ତୀ ଅବସରରେ ସୁନ୍ଦରଗଡ ଜିଲା ହେମଗିରଠାରେ ମଦମୁକ୍ତି ଯୁବ ବାହିନୀ ତରଫରୁ ମଦ ବିକ୍ରିକୁ ବିରୋଧ କରିବା ସହିତ ସମଗ୍ର ଓଡିଶାରେ ମଦ ବନ୍ଦ କରିବା ପାଇଁ ରବିବାର ଝାରସୁଗୁଡା କେନ୍ଦ୍ରସାଥୀଙ୍କ ଦ୍ୱାରା ହେମଗିରଠାରେ ଏକ ପ୍ରଭାତ ଫେରି ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରା ହେମଗିର ବାଇପାସ ରାସ୍ତାରୁ ଆରମ୍ଭ ହୋଇ ରାଜା ସାହେବଙ୍କ ଉଆସ ପର୍ଯ୍ୟନ୍ତ କରାଯାଇଥିଲା। ମଦ ବିକ୍ରି ହେଉଥିବାରୁ ଅଶାନ୍ତିର ବାତାବରଣ ସୃଷ୍ଟି ହେବା ସହିତ ଯେତିକି ରୋଜଗାର ହେଉଛି ତାଠାରୁ ଅଧିକ ମଦ ପିଇବାରେ ଖର୍ଚ୍ଚ ହେଉଥିବା, ପାରିବାରିକ କଳହ ସୃଷ୍ଟି ହେବା ସହିତ ଗଣ୍ଡଗୋଳ ସୃଷ୍ଟି ହେଉଛି। ବିଭିନ୍ନ ସ୍ଥାନରେ ବେଧଡକ ଭାବରେ ମଦ ବିକ୍ରି କରାଯାଉଛି। ଓଡିଶାରୁ ମଦ ବନ୍ଦ କରିବା ପାଇଁ ମଦମୁକ୍ତି ଯୁବବାହିନୀ ତରଫରୁ ଏହି ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ସଂଯୋଜକ ବଳରାମ ନାଏକ, ଝାରସୁଗୁଡା ଜିଲା ସଂଯୋଜକ ପ୍ରଶାନ୍ତ ରଣା ଏବଂ ଅନ୍ୟ ସାଥୀ ଯଥା ଚନ୍ଦ୍ରକାନ୍ତ ପଧାନ, ତ୍ରିଲୋଚନ ପଧାନ, ତେଜରାମ ଭୋଇ, ରାଜୁ ନାଏକ, ଅନିଲ, ଉମାକାନ୍ତ ଭୈଷାଲ, ମନିନ୍ଦର ଭୈଷାଲ, ଦିଲ୍ଲୀପ ରାୟ ପ୍ରମୁଖ ଯୋଗଦେଇଥିଲେ।

### ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**କୁଆଁରମୁଣ୍ଡା,୨।୧୦(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଝାରବେଡ଼ା ପଞ୍ଚାୟତର କାରିଛାପଲ ଖେଳ ପଡିଆରେ ରବିବାର ଗାନ୍ଧୀ ଜୟନ୍ତୀ ଅବସରରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ୫ ଦିବସୀୟ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତି କେର୍କେଟା, ଉପାଧକ୍ଷା ସୁନିତା ଅହିର, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଁଦା, ଖବରଦାତା ମହେନ୍ଦ୍ର କୁମାର ସାହୁ, ଝାରବେଡା ସରପଞ୍ଚ ରୀନା ଓରାମ ପ୍ରମୁଖ ମଞ୍ଚାସୀନ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପ୍ରଥମେ ଉଦିତନଗର ଓ କାଲୋସିହିରିଆ ଟିମ୍ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଉଭୟ ଟିମ୍ ପରସ୍ପରକୁ ୨-୨ ଗୋଲ ଦେବା ପରେ ଶେଷର ପେନାଲ୍ଟିକ କିକ୍‌ରେ କାଲୋସିହିରିଆ ଟିମ୍ ବିଜୟୀ ହୋଇଥିଲା। ଏହାପରେ ୨ୟ ପର୍ଯ୍ୟାୟ ପ୍ରତିଯୋଗିତା ଝିରପାଣିର ରାଇଜିଂ ଟିମ୍ ଓ ସୋନାପର୍ବତର ରିଟର୍ଣ୍ଣିଂ ଅଫ ଗୋଲ୍ଡେନ ହିଲ ଟିମ୍ ମଧ୍ୟରେ ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତା ହୋଇଥିଲା। ଏଥିରେ ମଧ୍ୟ ସୋନାପର୍ବତ ଟିମ୍ ପେନାଲ୍ଟିକ କିକ୍‌ରେ ବିଜୟୀ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସର୍ବମୋଟ ୩୨ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ୬ ତାରିଖରେ ଅନ୍ତିମ ମ୍ୟାଚ ଖେଳାଯିବ ବୋଲି ଆୟୋଜକ ଡିୟର କ୍ଲବ ସଭାପତି ରାଜୁ ଓରାମ ସୂଚନା ଦେଇଛନ୍ତି।

### ୧୯ ବର୍ଷରେ ଇବ୍‌ନଗର ଦୁର୍ଗା ପୂଜା

**ସୁନ୍ଦରଗଡ଼,୨।୧୦(ଡି.ଏନ.ଏ.):** ଶାରଦୀୟ ଦୁର୍ଗାପୂଜା ପାଇଁ ଏବେ ଉତ୍ସବ ମୁଖରିତ ହୋଇଛି ଗାଁ ଠୁ ପୁରପଲ୍ଲୀ। ସୁନ୍ଦରଗଡ ସହରର ବିଭିନ୍ନ ପୂଜା ମଣ୍ଡପରେ ଦେବୀ ଦୁର୍ଗାଙ୍କ ମହାସପ୍ତମୀ ପୂଜା ଓ ସନ୍ଧ୍ୟାରେ ମହାଷ୍ଟମୀ ପୂଜା ସହ ପଶ୍ଚିମ ଓଡିଶାର ଅନ୍ୟତମ ଗଣପର୍ବ ଭାଇ ଜିଉନ୍ତିଆ ଓଷା ପାଳନ କରିଛନ୍ତି ଭଉଣୀ ମାନେ। ଭାଇର ମଙ୍ଗଳ ମନାସୀ ଭଉଣୀମାନେ ନିର୍ଜଳା ଉପବାସ ରହି ଏହି ଓଷା ପାଳନ କରିଥିଲେ। ସୁନ୍ଦରଗଡ ସହରର ଇବ ନଗର ଦୁର୍ଗା ପୂଜା ଚଳିତବର୍ଷ ୧୯ ବର୍ଷରେ ପଦାର୍ପଣ କରିଛି। ମନୋଜ ପାଟଯୋଶୀ ଓ ତାଙ୍କ ସ୍ତ୍ରୀ କବିତା ପାଟଯୋଶୀ ପୂଜାର କର୍ତ୍ତା ରହିଛନ୍ତି। ପୂଜକ ଭାବେ ବରଗଡ଼ ଜିଲା ପଦ୍ମପୁର ଗାଇସିଲଟର ପଣ୍ଡିତ ଜଗଦୀଶ କୁମାର ଠାକୁର ରହିଥିବାବେଳେ ପ୍ରୀତିଶ ମିଶ୍ର, ପ୍ରଶାନ୍ତ ତ୍ରିପାଠୀ ସହଯୋଗୀ ଦାୟିତ୍ୱ ତୁଲାଉଛନ୍ତି। ପୂଜା କମିଟିର କର୍ମକର୍ତ୍ତା ଅଜିତ ପ୍ରସାଦ, ତାରାଚାନ୍ଦ ପଟେଲ, ରଞ୍ଜନ ପଟେଲ, ପ୍ରଶାନ୍ତ ବାରିକ, ଅସ୍ମିତ ପଟେଲ, ଆଦିତ୍ୟ ଦାନୀ, ରଞ୍ଜିତ ନାଏକ, ଅମିତ ପଟେୱ୍, ପ୍ରଦୀପ ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ପରିଚାଳିତ ହେଉଛି।



ସୁନ୍ଦରଗଡ଼ ଇବ୍ ନଗର ଦୁର୍ଗା ପୂଜା ତୋରଣ।

# ପ୍ରେମ ପାଇଁ ପ୍ରେମିକଙ୍କ ଗଲା ଜୀବନ

### ଯୁବକଙ୍କୁ ହତ୍ୟା କରି କୋଇଲା ଟ୍ରେନ୍‌ରେ ଫିଙ୍ଗିଦେଲେ, ୬ ଗିରଫ

**ରାଉରକେଲା ଅଫିସ,୨।୧୦**

ପ୍ରେମ ପାଇଁ ପ୍ରେମିକଙ୍କୁ ହତ୍ୟା କରି ଏକ କୋଇଲା ବୋଝେଇ ଟ୍ରେନ ବଗିରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗରେ ରାଉରକେଲା ପ୍ଲାଣ୍ଟସାଇଟ୍ ପୋଲିସ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଫଟାପାଇପ୍ ଅଞ୍ଚଳର ମୂଳବାସିନ୍ଦା ତଥା ଶିବଶଙ୍କର ନଗରରେ ରହୁଥିବା ବିନୋଦ ସିଂ ଓରଫ ବାବୁ (୩୯), ଶିବ ସିଂ ଓରଫ ପାକୁ (୨୬), ଚନ୍ଦନ ସୋନି (୨୩), ବିଶାଲ ରାଠୋର ଓରଫ ପନି (୧୯), ଅଜୟ ସା (୨୨), ରାଜ ସିଂ ଓରଫ ଚକ୍‌ଲେଟ୍ (୨୫)। ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏହାସହ ହତ୍ୟାରେ ବ୍ୟବହୃତ ୩ଟି ବେସ୍‌ବଲ ବ୍ୟାଟ୍, ଗୋଟିଏ ଲୁହା ପାଇପ୍, ଠେଙ୍ଗା, ଲୁହା ବାର୍ ସହ ୨ଟି ବାଇକ୍ (ନଂ.ଓଡି୧୪ପି-୫୬୬୨) ଓ ଗୋଟିଏ ନମ୍ବର ବିହୀନ ବାଇକ୍ ଜବତ କରିଛି। ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ତନାଘନା ଚାଲିଛି ବୋଲି ରବିବାର



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

ପ୍ଲାଣ୍ଟସାଇଟ୍ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଉରକେଲା ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ କହିଛନ୍ତି। ଅତିରିକ୍ତ ଏସ୍‌ପି ଭୋଇ ସୂଚନା ଦେଇ କହିଥିଲେ, ଶ୍ରୀନିବାସ ରାଓ ଓରଫ ସିନୁ(୧୯) ଗୋପବନ୍ଧୁପାଲି ବସ୍ତିରେ ଏକଟୁଆ ଘର ଭଡା ନେଇ ରହି ସ୍ଥାନୀୟ ପାୱାରହାଉସ୍ ରୋଡ୍ ଅଞ୍ଚଳର ଏକ ଡକି ଶୋରୁମ୍‌ରେ କାମ କରୁଥିଲେ। ଫଟାପାଇପ୍ ଶିବଶଙ୍କର ନଗର ବସ୍ତିର ଜଣେ ଯୁବତୀ ଓ ଶ୍ରୀନିବାସଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଶ୍ରୀନିବାସ ଗୋଟିଏ ମୋବାଇଲ କିଣି ସମ୍ପୃକ୍ତ ଯୁବତୀଙ୍କୁ ଦେଇଥିଲେ। ଏହାକୁ ଯୁବତୀଙ୍କ ବାପା ବିନୋଦ ବିରୋଧ କରିଥିଲେ। ଶ୍ରୀନିବାସ ଏହାକୁ ଖାତିର ନ କରି ପ୍ରତିଦିନ ବିଳମ୍ବିତ ରାତି ଯାଏ ଯୁବତୀଙ୍କ ସହ କଥାବାର୍ତ୍ତା ହେଉଥିଲେ। ଗତ ସେପ୍ଟେମ୍ବର ୨୪ ତାରିଖ ରାତି ୧୦ଟାରେ ବିନୋଦ ତାଙ୍କର କିଛି ସହଯୋଗୀଙ୍କୁ ଦୁଇଟି ବାଇକ୍‌ରେ ଶ୍ରୀନିବାସଙ୍କୁ ଗୋପବନ୍ଧୁପାଲିରୁ ଉଠାଇ ଆଣିଥିଲେ। ଏହାପରେ ଫଟାପାଇପ୍ ନିକଟରେ ତାଙ୍କୁ ଲୁହାପାଇପ୍, ବେସବଲ ବ୍ୟାଟ ଓ ଲାଠିରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ଶ୍ରୀନିବାସଙ୍କ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତମାନେ ଧରା ପଡିଯିବା ଭୟରେ ମୃତଦେହକୁ ଏକ କୋଇଲା ଟ୍ରେନ ବଗିରେ ଫିଙ୍ଗି ଦେଇଥିଲେ। ଉକ୍ତ ଟ୍ରେନ୍ ରାୟଗଡ଼ସ୍ଥିତ ଜିନ୍ଦଲ ପ୍ଲାଣ୍ଟରେ କୋଇଲା ଖାଲି କରୁଥିବାବେଳେ ମୃତଦେହ ଦେଖି ରାୟଗଡ ଜିଆରପି ରାଉରକେଲା ଜିଆରପି ପୋଲିସକୁ ଖବର ଦେଇଥିଲା। ଅନ୍ୟପକ୍ଷେ ଶ୍ରୀନିବାସଙ୍କ ବଡ ଭଉଣୀ ଶିବାଙ୍ଗୀ ରାଓ ତାଙ୍କ ଭାଇ ନିଖୋଜ ଥିବା ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଗତ ସେପ୍ଟେମ୍ବର ୨୬ ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୩୮୦/୨୨) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଗତ ୨୭ ତାରିଖରେ ପ୍ଲାଣ୍ଟସାଇଟ୍ ପୋଲିସର ଏକ ସ୍ୱତନ୍ତ୍ର ଦଳ ରାୟଗଡ ଯାଇ ଶ୍ରୀନିବାସଙ୍କ ମୃତଦେହକୁ ରାଉରକେଲା ଆଣିଥିଲା। ଏ ନେଇ ରାୟଗଡ଼ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୯/୨୨) ମାମଲା ରୁଜୁ ହୋଇଛି। ମୃତକଙ୍କ ଶରୀରରେ ବହୁ କ୍ଷତଚିହ୍ନ ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜାଣି ତଦନ୍ତ କରିଥିଲା ଏବଂ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଲେଫ୍ରିପଡ଼ାରେ ଗ୍ରାମସଭା: ଲୋକଙ୍କ ସମସ୍ୟା ଆଲୋଚନା



ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମସଭାରେ ଜନସାଧାରଣ।

**ଲେଫ୍ରିପଡ଼ା ୨।୧୦(ଡି.ଏନ୍.ଏ. )**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ୧୭ଗୋଟି ଗ୍ରାମ ପଞ୍ଚାୟତରେ ଶାନ୍ତିଶୃଙ୍ଖଳା ଭାବେ ରବିବାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଗ୍ରାମସଭାରେ ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ର ସ୍ଥାପନ କରି ଶ୍ରଦ୍ଧାର ସହିତ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ପଞ୍ଚାୟତରେ ଥିବା ରାଜସ୍ୱ ଗ୍ରାମଗୁଡ଼ିକରେ କାର୍ଯ୍ୟ ଯୋଜନା ପ୍ରସ୍ତୁତି କରାଯାଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସ୍ୱଚ୍ଛ ଭାରତ ଯୋଜନାରେ କାର୍ଯ୍ୟକରିବା ସକାଶେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପଞ୍ଚାୟତରେ ନୋଡାଲ ଅଧିକାରୀ ଭାବେ ଲେଫ୍ରିପଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନ୍ଦର ଲାକ୍ରା ଏବଂ ସରପଞ୍ଚ ସୁରେନ୍ଦ୍ର ସାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ସରପଗଡ଼ ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପାଣ୍ଡ ପଟେଲ ଏବଂ ସରପଞ୍ଚ ଘାସିରାମ ଝାମ୍ପଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସେହିପରି ଗିରିଙ୍ଗକେଲା ଗ୍ରାମ ପଞ୍ଚାୟତରେ କନିଷ୍ଠଯନ୍ତ୍ରୀ ଦମୟନ୍ତୀ ହାଁସଦା ଏବଂ ସରପଞ୍ଚ ନୀଳମଣି ମାଝୀ, ଲେଫ୍ରିପଡା ଗ୍ରାମପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲିଟୁନ ମହାନନ୍ଦିଆ ସରପଞ୍ଚ କୁମାରୀ ଚୌଧୁରୀ ଗ୍ରାମସଭା ପରିଚାଳନା କରିଥିଲେ। ଏହିପରି ଭାବେ ସମସ୍ତ ପଞ୍ଚାୟତରେ ସରପଞ୍ଚ ଏବଂ ନୋଡାଲ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନିଜ ପଞ୍ଚାୟତମାଥନଙ୍କରେ ଗ୍ରାମ ରୋଜଗାର ସେବକ, ଗାଁ ସାଥୀ, ୱାର୍ଡ ମେମ୍ବର, ସମିତି ସଭ୍ୟା ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ବିଭାଗର ପ୍ରତିନିଧି ସହିତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ।

## ଶୁଭାରମ୍ଭ ହେଲା ବିଜେଡିର ଜନସମ୍ପର୍କ ପଦଯାତ୍ରା



ଦେବଗଡ଼ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା।

**ଦେବଗଡ଼,୨।୧୦ (ଡି.ଏନ୍.ଏ.)**

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ସାରା ରାଜ୍ୟରେ ବିଜୁ ଜନତା ଦଳ ପକ୍ଷରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ପରିପ୍ରେକ୍ଷୀରେ ରବିବାର ଦେବଗଡ଼ ଜିଲା ବିଜେଡି ପକ୍ଷରୁ ରିଆମାଳ ବ୍ଲକ କୁଣ୍ଢେଇଗୋଲା ପଞ୍ଚାୟତଠାରୁ ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହୋଇଛି। ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ସକାଳୁ ଦଳୀୟ ନେତୃମଣ୍ଡଳୀ ରିଆମାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ୱାଧୀନତା ସଂଗ୍ରାମୀଙ୍କ ଘରକୁ ଯାଇ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବାହ୍ନରେ କୁଣ୍ଢେଇଗୋଲା ପଞ୍ଚାୟତ ମୁଖ୍ୟାଳୟରେ ସମସ୍ତ ଦଳୀୟ ନେତା ଓ କର୍ମୀ ଏକତ୍ରିତ ହୋଇ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଓ ଦୃଢ ଇଚ୍ଛାଶକ୍ତି ଯୋଗୁ ଗ୍ରାମାଞ୍ଚଳରେ ହେଉଥିବା ବିକାଶକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଜିଲା ବିଜେଡି ସଭାପତି ବିଶ୍ୱାଳଙ୍କ ସମେତ ବ୍ଲକ ସଭାପତି ବୈକୁଣ୍ଠ ପାଇକରାୟ, ଜିଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ, ବ୍ଲକ ଅଧକ୍ଷ ମଧୁସୁଦନ ପ୍ରଧାନ, ପୌରାଧକ୍ଷ ଶାନ୍ତିମଞ୍ଜରୀ ଦେଇ, କୃଷକ ସେଲ ଜିଲା ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନ, ମହିଳା ବିଜେଡି ଜିଲା ସଭାନେତ୍ରୀ ଅରୁଣି ପ୍ରଧାନ, ବ୍ଲକ ମହିଳା ସଭାନେତ୍ରୀ ଜ୍ୟୋତିମଞ୍ଜରୀ ପ୍ରଧାନ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ବ୍ଲକ ଯୁବ ସଭାପତି ଆଲୋକ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

## ରାଉରକେଲା ଶ୍ରମିକ ସଂଘର ପ୍ରତିଷ୍ଠା ଦିବସ

**ରାଉରକେଲା ଅଫିସ,୨।୧୦**

ରାଉରକେଲା ଶ୍ରମିକ ସଂଘର ୩୫ତମ ପ୍ରତିଷ୍ଠା ଦିବସ ସେକ୍ଟର-୧୮ସ୍ଥିତ କାର୍ଯ୍ୟାଳୟ ପରିସରରେ ରବିବାର ପାଳିତ ହୋଇଛି। ଏହି ଅବସରରେ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ସଂଘ ପତାକା କାର୍ଯ୍ୟାଳୟ ପରିସରରେ ଉତ୍ତୋଳନ କରିଥିଲେ। ରାଉରକେଲା ଶ୍ରମିକ ସଂଘ ୧୯୮୮ଅକ୍ଟୋବର ୨ ତାରିଖରେ ପଞ୍ଜୀକୃତ ହୋଇ ମହାତ୍ମା ଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀଙ୍କ ଆଦର୍ଶକୁ ପାଥେୟ କରି ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ବେହେରା ମତ ପ୍ରକାଶ କରିଥିଲେ। ପରେ ସଂଘର ପ୍ରତିଷ୍ଠାତା ଏମ୍. ଡିଏନ୍ ପାଣିକରଙ୍କ ସ୍ମୃତିଚାରଣ କରାଯାଇଥିଲା। ଉପସଭାପତି ଅକ୍ଷୟ ଜେନା ଓ ସୁରେଶ ପାଣିଗ୍ରାହୀ ସଂଘର ୩୫ତମ ପ୍ରତିଷ୍ଠା ଦିବସ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଶାନ୍ତ ନାୟକ, ଆର.କେ. ଭୁକ୍ତା, ନିହାର ରଞ୍ଜନ ସାମଲ, ନିଗମାନନ୍ଦ ପରିଡା, ଆର.କେ. ପରିଡା, କୁନ୍ଦୁର କିଷାନ, ବି.କେ. ଶେଖର ଦେଓ, ବବନ ସିଂହ, ସୁରେନ୍ଦ୍ର ନାୟକ, କେ. ପ୍ରଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଦୁଆ ହିରୋ ମୋଟର୍ସର ପୂଜା ଭେଟି ସହ ଆକର୍ଷଣୀୟ ଅଫର

**ରାଉରକେଲା ଅଫିସ,୨।୧୦**

ରାଉରକେଲା ପାନପୋଷ ରୋଡସ୍ଥିତ ଦୁଆ ହିରୋ ମୋଟର୍ସ ପକ୍ଷରୁ ଚଳିତ ପାର୍ବଣକୁ ନେଇ ଗ୍ରାହକଙ୍କ ପାଇଁ ଆଣିଛି ଆକର୍ଷଣୀୟ ପୂଜା ଭେଟି। ୧୩ ହଜାର ୫ ଶହ ଟଙ୍କାର ବମ୍ପର ଅଫର ରହିଛି। ମାତ୍ର ୨୦୨୩ ଟଙ୍କା ନେଇ ଜଣେ ଗ୍ରାହକ ହିରୋ ହୋଣ୍ଡା ଶୋରୁମ୍‌ରୁ ଯେ କୌଣସି ଗାଡି ନେଇପାରିବେ। ସେହିପରି ଯଦି ଜଣେ ଗ୍ରାହକ ଚାହିଁବେ ମାତ୍ର ୧ ଟଙ୍କା ଦେଇ ନିଜ ପସନ୍ଦ ଗାଡି ନେଇପାରିବେ। ଏଥିସହ ଯେ କୌଣସି କମ୍ପାନୀର ପୁରୁଣା ଗାଡି ଦେଇ ହିରୋର ଗାଡି ନେଇ ପାରିବେ ଗ୍ରାହକ। ଏହାସାଙ୍ଗକୁ ଗ୍ରାହକ ଏକ୍ସଚେଞ୍ଜ ବୋନସ ବି ପାଇ ପାରିବେ। ସେହିଭଳି ପ୍ରତ୍ୟେକ ଗାଡି ଉପରେ ୨ରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାସ ବ୍ୟାକ୍ ସ୍କିମ୍ ଚାଲିଥିବାବେଳେ ଶୂନ ପ୍ରତିଶତ ସୁଧର ଫାଇନାନ୍ସ ସୁବିଧା ଉପଲବ୍ଧ ରହିଛି। ଏହି ଶୋରୁମ୍‌ରୁ କୌଣସି ସ୍କୁଟି ଗାଡି କ୍ରୟକଲେ ସୁନିଶ୍ଚିତ ସ୍କ୍ରାପ କୁପନ ରହିଛି। ଯେଉଁଥିରେ ଫ୍ରିଜ, ଏଲ୍‌ଇଡି ଟିଭି, ପ୍ରେସରକୁକର ଭଳି ପୁରସ୍କାର ଗ୍ରାହକ ପାଇପାରିବେ ବୋଲି ଶୋରୁମ୍ ମ୍ୟାନେଜର ଆଲୋକ ସାମଲ ସୂଚନା ଦେଇଛନ୍ତି।



ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାରେ ଚୈତନ୍ୟ ଦେବୀଙ୍କ ଝାଙ୍କି ଦର୍ଶନ: ଯୁବତୀମାନେ ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀ ବେଶରେ ସଜ୍ଜିତ ହୋଇଛନ୍ତି।

### ହେମଗିର ଦୁର୍ଗାପୂଜାର କଳସ ଯାତ୍ରା

**ହେମଗିର,୨।୧୦(ଡି.ଏନ.ଏ.)**

ହେମଗିର ସାର୍ବଜନୀନ ଦୁର୍ଗାପୂଜାର ରବିବାର କଳସ ଯାତ୍ରା ହୋଇଯାଇଛି। ହେମଗିର ଦୁର୍ଗା ମଣ୍ଡପଠାରୁ ଆରମ୍ଭ କରି ହେମଗିର ଶିବ ସାଗର ପୋଖରୀ ପର୍ଯ୍ୟନ୍ତ କରମା ନୃତ୍ୟ, ଘୋଡା ନାଚ, ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ରର ତାଳେ ତାଳେ କଳସ ଯାତ୍ରା କରି ପାଣି ଅଣାଯାଇଥିଲା। ପୁରୋହିତ ଭାବରେ ଉମେଶ ସତପଥୀ ଥିବା ବେଳେ କର୍ତ୍ତା ଭାବରେ ସୁକାନ୍ତ ମିଶ୍ର ଓ ଆରତୀ ମିଶ୍ର କାର୍ଯ୍ୟ ତୁଲାଉଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

**ରାଉରକେଲା ଅଫିସ,୨।୧୦**

ରାଉରକେଲା ପାନପୋଷ ଛକରେ ବିଜୁ ଜନତା ଦଳ ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳୀୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜନସମ୍ପର୍କ ପଦଯାତ୍ରା ପାନପୋଷ ଛକରୁ ଆରମ୍ଭ ହୋଇ ପାନପୋଷ ବଙ୍ଗଲାଟୋଲି ବସ୍ତିରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଶତାଧିକ ଦଳୀୟ କର୍ମୀ ପାନପୋଷ ଛକରେ ଉପସ୍ଥିତ ରହି ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଜନସମ୍ପର୍କ ପଦଯାତ୍ରାରେ ଦଳୀୟ କର୍ମୀ ସହରର ବିଭିନ୍ନ ୱାର୍ଡରେ ବାସ କରୁଥିବା ଲୋକମାନଙ୍କ ପାଖକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ବହୁ ଲାକାଭିମୁଖୀ ଯୋଜନା ଉପରେ ଅବଗତ କରାଇବାକୁ ବିଧାୟକ ନାୟକ ଆହ୍ୱାନ ଦେଇଥିଲେ। ଏହି ପଦଯାତ୍ରା ଆସନ୍ତା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଜେଡି ନଗର ସଭାପତି ଗଗନ ପଣ୍ଡା, ସୁଦାମ ଦାସ, ଜୟନ୍ତ ମିଶ୍ର, ଜ୍ୟୋତ୍ସ୍ନା ନାୟକ, ଆରତି ଚୌଧୁରୀ, ସନ୍ଧ୍ୟାରାଣୀ ଲାକ୍ରା, ଆନନ୍ଦ ଚନ୍ଦ୍ର ମହାନ୍ତି, ଶ୍ରୀଚରଣ ମହାନ୍ତି, ହରମନ ମହାପାତ୍ର, ସୁବାସ ସ୍ୱାଇଁ, ଶୁଶାନ୍ତ ରାଉତ, ଜର୍ଜ ଆନନ୍ଦ, କାବୁଲି ପ୍ରତିହାରୀ, ସନ୍ତୋଷ ନାୟକଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀରେ ସଫେଇ କାର୍ଯ୍ୟକ୍ରମ

**କୁତ୍ରା, ୨।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଆଡମ୍ବର ସହିତ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ କୁତ୍ରା ଗ୍ରାମ ପରିକ୍ରମା କରିବା ସହିତ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ କୁତ୍ରା ଉଚ୍ଚ ବିଦ୍ୟାଳୟର ୫ ଶହରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ, ବ୍ଲକ କାର୍ଯ୍ୟାଳୟର କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକ ଏକ ଶାନ୍ତି ଶୋଭାଯାତ୍ରାରେ ଯାଇ ହନୁମାନ ମନ୍ଦିର ଓ ଜଗନ୍ନାଥ ମନ୍ଦିର ସଫେଇ କରି ସ୍ୱଚ୍ଛତାର ବାର୍ତ୍ତା ପ୍ରେରଣ କରିଥିଲେ। ପରେ କୁତ୍ରା ବ୍ଲକ ପରିସରରେ ବିଡିଓ ରବିନ୍ଦ୍ର କୁମାର ସେଠୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଉପାଧ୍ୟକ୍ଷ କୌସ୍ତୁଭ ଭୁଷଣ ହୋତା, ସନ୍ତୋଷ ବେହେରା, ବ୍ଲକ ନିର୍ବାହୀ ଯନ୍ତ୍ରୀ, ସରପଞ୍ଚ ଭୁବନ କୁଜୁର ପ୍ରମୁଖ ଗାନ୍ଧିଜୀଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଏଥିରେ କୁତ୍ରା ଉଚ୍ଚ ବିଦ୍ୟାଳୟର ସ୍କାଉଟ ଗାଇଡ୍ସ, ଜୁନିଅର ରେଡକ୍ରସ ଛାତ୍ରୀଛାତ୍ରଙ୍କ ସହ ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀଙ୍କ ସମେତ କୁତ୍ରା ବ୍ଲକ କର୍ମଚାରୀ, ତହସିଲ କର୍ମଚାରୀ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବିଭୀଷଣ ବାରିକ ପରିଚାଳନା କରିଥିଲେ। ପରେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୫ ଜଣ ରୋଗୀଙ୍କୁ ଫଳବଣ୍ଟନ କରାଯାଇଥିଲା। ସେହିଭଳି ଭାବରେ କୁତ୍ରା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତିର ପିତା ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବକ୍ତାଭାବେ ଗଏରବାହାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ଗାଇଡ କ୍ୟାପଟେନ ଦୀପିକା କେର୍କେଟା ଓ ସ୍କାଉଟ ମାଷ୍ଟର ଧୃତିସୁନ୍ଦର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚାମ୍ପିୟନ ସୁନ୍ଦରଗଡ଼ ଟିମ୍‌କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼, ୨।୧୦(ଡି.ଏନ.ଏ.)**

ହକି ଆସୋସିଏସନ ଅଫ ଓଡ଼ିଶା ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ସବ୍‌ଜୁନିଅର ମେନ ହକି ଚାମ୍ପିୟନସିପ୍ ୨୦୨୨'ରେ ସୁନ୍ଦରଗଡ଼ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଏହି ଟିମ୍‌ର ଖେଳାଳିମାନେ ସୁନ୍ଦରଗଡ଼ରେ ପହଞ୍ଚିବା ପରେ ଜିଲା ପ୍ରଶାସନ ଏବଂ ହକି ଆସୋସିଏସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସୁନ୍ଦରଗଡ଼ସ୍ଥିତ ଭବାନୀପୁର କ୍ରୀଡ଼ା ଛାତ୍ରାବାସଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଯୋଗଦେଇ ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶାରିରୀକ ଫିଟନେସ ଉପରେ ଧ୍ୟାନ ରଖି ଆଗାମୀ ଦିନରେ ଭଲ ଖେଳ ପ୍ରଦର୍ଶନ କରିବାକୁ ସେ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ। ସୁନ୍ଦରଗଡ଼ ଜିଲାରେ ହକି ଖେଳର ବିକାଶ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ରାଉରକେଲାରେ ଅନ୍ତର୍ଜାତୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ନିର୍ମାଣ କରାଯାଉଛି। ୨୦୨୩ରେ ସେଠାରେ ପୁରୁଷ ହକି ବିଶ୍ୱକପ ଅନୁଷ୍ଠିତ ହେବ। ଏହା ଆମ ସୁନ୍ଦରଗଡ଼ ଜିଲା ପାଇଁ ଗର୍ବର କଥା ବୋଲି କହିଛନ୍ତି ପଦ୍ମଶ୍ରୀ ଦିଲୀପ ତିର୍କୀ। ସେ ଆହୁରି କହିଥିଲେ ଯେ, ସୁନ୍ଦରଗଡ଼ ଜିଲାର ଗ୍ରାମାଞ୍ଚଳର ହକି ପ୍ରତିଭାମାନଙ୍କ ସୁବିଧା ଲାଗି ବ୍ଲକସ୍ତରରେ ସିନ୍ଥେଟିକ ଟର୍ଫ କରାଯାଉଛି। ଫଳରେ ସୁନ୍ଦରଗଡ଼ ମାଟିରୁ ଅନେକ ଖେଳାଳି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତର ପାଇଁ ପ୍ରସ୍ତୁତ ହେବାର ସୁଯୋଗ ପାଇବେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଉପଜିଲାପାଳ ଦାଶରଥି ସରାବୁ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ତରାଇ, ଜିଲା ହକି ଆସୋସିଏସନ କାର୍ଯ୍ୟକାରୀ ସଭାପତି ରାମେଶ୍ୱର ଟପ୍ପୋ ଏବଂ ସାଧାରଣ ସମ୍ପାଦକ ସିଲଭେଷ୍ଟର ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ ଟିମ୍‌ର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଜିଲାପାଳଙ୍କୁ ଭେଟିଲେ ପ୍ରାଥମିକ ଶିକ୍ଷକ ସଂଘ ସଦସ୍ୟ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କୁ ପ୍ରାଥମିକ ଶିକ୍ଷକ ସଂଘର ସଦସ୍ୟମାନେ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ସମାଧାନ ପାଇଁ ଅନୁରୋଧ କରିଛନ୍ତି । ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାନେତ୍ରୀ ଜୌସ୍ନାମୟୀ ଦାଶ ଓ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ପଟେଲଙ୍କ ନେତୃତ୍ୱରେ ସଂଘର ୧୫ ଜଣ ସଦସ୍ୟ ଉପସ୍ଥିତ ରହିଥିଲେ । ଏହି ଅବସରରେ ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘର ଅନୁବନ୍ଧନ ପତ୍ରକୁ ମଧ୍ୟ ପ୍ରଦାନ କରିଥିଲେ । ଜିଲାପାଳ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।



**ସମ୍ବଲପୁର ସହରରେ ଦୁର୍ଗାପୂଜାର ଝଲକ:** ଜେଲ ଛକସ୍ଥିତ ପୂଜା ମଣ୍ଡପରେ ଦେବୀ ଦୁର୍ଗା ।



ଜିଲା ସ୍କୁଲ ଛକ ପୂଜା ମଣ୍ଡପ ତୋରଣ ।



ଅଇଁଠାପାଲି ଛକ ପୂଜା ମଣ୍ଡପ ।



ଧୁରୁପାଡ଼ା ଛକ ପୂଜାମଣ୍ଡପ ।

## ସଂକ୍ଷେପରେ

### ପାଟଣେଶ୍ୱରୀ ଦେବୀଙ୍କ ସୁନାବେଶ



ସମ୍ବଲପୁର ପାଟଣେଶ୍ୱରୀଙ୍କ ସୁନା ବେଶ ।

**ସମ୍ବଲପୁର,୨।୧୦(ବ୍ୟୁରୋ):** ରୀତିନୀତି ପରମ୍ପରାନୁସାରେ ଆଶ୍ୱିନ ଶୁକ୍ଳପକ୍ଷ ମହାଷ୍ଟମୀ ତିଥିରେ ଦେବୀ ପାଟଣେଶ୍ୱରୀ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ରବିବାର ମଧାହ୍ନ ପହଡ଼ ପରେ ସେବାୟତମାନେ ଦେବୀଙ୍କୁ ସୁନାବେଶରେ ସଜ୍ଜିତ କରିଥିଲେ । ସୁନାର ମୁକୁଟ, ମଥାମଣି, କର୍ଣ୍ଣଫୁଲ, ଛଅଟି ହାର, ବାହା ଚୁଡ଼ି, ଚୁଡ଼ି, ଅଣ୍ଟା ସୁତା, ଜିଭ, ପାଉଁଜି ପ୍ରଭୃତି ଅଳଙ୍କାରରେ ଦେବୀଙ୍କୁ ଆଭୂଷଣ କରାଯାଇଥିଲା । କଣ୍ଠାମାଳତୀ ହାର ଗଳାରେ ଶୋଭା ପାଉଥିଲା। ଅପରାହ୍ନ ସାଢ଼େ ୪ଟାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଦେବୀଙ୍କ ଦର୍ଶନ ସକାଶେ ଦ୍ୱାର ଉନ୍ମୁକ୍ତ କରାଯାଇଥିଲା। ମନ୍ଦିର ପରିଚାଳନା ଟ୍ରଷ୍ଟି ସରୋଜ କୁମାର ଦାଶଙ୍କ ପରିଚାଳନାରେ ମନ୍ଦିର ପୂଜକ ରମେଶ ପୁରୋହିତ ଓ ଦଧିବାମନ ପଣ୍ଡା ପାଟଣେଶ୍ୱରୀଙ୍କୁ ବେଶ କରିଥିଲେ । ଧୃରେନ୍ଦ୍ର ତ୍ରିପାଠୀ, ନିରଞ୍ଜନ ଦାଶ, ପ୍ରଦୀପ ମିଶ୍ର, ଲୁଲୁ ପ୍ରଧାନ ସହଯୋଗ କରିଥିଲେ । ଭକ୍ତମାନଙ୍କ ଦର୍ଶନ ନିମନ୍ତେ ରାତ୍ରି ୧୦ଟା ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଖୋଲା ରହିଥିଲା।

### ସମଲେଇଙ୍କ ଖଣ୍ଡାଧୁଆ ନୀତି ସମ୍ପନ୍ନ

**ସମ୍ବଲପୁର,୨।୧୦(ବ୍ୟୁରୋ):** ସମ୍ବଲପୁର ଇଷ୍ଟଦେବୀ ସମଲେଶ୍ୱରୀଙ୍କ ଖଣ୍ଡାଧୁଆ ନୀତି ରବିବାର ମହାନଦୀ ମଛିନ୍ଦ୍ର ଘାଟରେ ସମ୍ପନ୍ନ ହୋଇଛି । ସନ୍ଧ୍ୟାରେ ଦୁଲଦୁଲି ବାଜା, ଘଣ୍ଟ, ଶଙ୍ଖ ଧ୍ୱନିରେ ପୂଜକମାନେ ମନ୍ଦିର ପରିସରରୁ ଦେବୀଙ୍କ ଖଣ୍ଡା ଓ ଝଣ୍ଡା ନେଇ ବାହାରିଥିଲେ । ମଛିନ୍ଦ୍ର ଘାଟରେ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଖଣ୍ଡା ପୂଜା କରିଥିଲେ । ଏହାପରେ ପୂଜକମାନେ ମହାନଦୀ ଜଳରେ ଖଣ୍ଡା, ଝଣ୍ଡା ଧୋଇ ଶୋଭାଯାତ୍ରାରେ ମନ୍ଦିର କୁ ଫେରିଥିଲେ । ସମସ୍ତ ଅସ୍ତ୍ରଶସ୍ତ୍ରକୁ ଗମ୍ଭୀରାରେ ମା'ଙ୍କ ପାଖରେ ରଖି ପୂଜାର୍ଚ୍ଚନା କରାଯାଇଥିଲା ।

# ଭତରାରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ

ସମ୍ବଲପୁର,୨।୧୦(ବ୍ୟୁରୋ)

ରବିବାର ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ସମ୍ବଲପୁର ସହରର ଭତରା ଗାନ୍ଧୀ ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ପ୍ରଶାସନ, ବିଭିନ୍ନ ରାଜନୈତିକ ଦଳ ଓ ଅନୁଷ୍ଠାନର କର୍ମକର୍ତ୍ତା ପହଞ୍ଚି ଗାନ୍ଧୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମହାତ୍ମାଗାନ୍ଧୀଙ୍କ ୧୫୩ ତମ ଜନ୍ମ ଜୟନ୍ତୀ ଜିଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ସକାଳେ ରାମଧୂନ ପରିବେଷଣ ସହ ପ୍ରଭାତ ଫେରି ହୋଇଥିଲା। କଚେରି ଛକସ୍ଥିତ ଶହୀଦ ସ୍ତମ୍ଭ ଓ ହାୱା ମଇଦାନରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ଅନନ୍ୟା ଦାସ, ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଜିଲାପାଳ କାର୍ଯ୍ୟାଳୟଠାରେ ପ୍ରଥମେ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଫଟୋଚିତ୍ରକୁ ପୂଜାର୍ଚ୍ଚନା କରାଯାଇ ସମ୍ମାନ ଜଣାଇବା ପରେ ସର୍ବଧର୍ମ ପ୍ରାର୍ଥନା ସଭା, ଭଜନ, ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସଂସ୍କୃତି ବିଭାଗ ତରଫରୁ ମିଳିତ ଭାବେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ମହାନଗର କମିଶନର ପ୍ରଦୀପ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ବିଭାଗର ଓଏସଡି ହେମନ୍ତ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଭତରା ଗାନ୍ଧୀ ମନ୍ଦିରଠାରେ ଜିଲାପାଳ ଅନନ୍ୟା ଦାସ ମହାତ୍ମା ଗାନ୍ଧୀଙ୍କୁ ପ୍ରଣାମ କରୁଛନ୍ତି।

### ସର୍ବଧର୍ମ ପ୍ରାର୍ଥନା ସଭା, ବିବିଧ ପ୍ରତିଯୋଗିତା

# ଗାନ୍ଧୀ ମନ୍ଦିରରେ ପୂଜା, ସଫେଇ କାର୍ଯ୍ୟକ୍ରମ

ସମ୍ବଲପୁର,୨।୧୦(ବ୍ୟୁରୋ)

ସମ୍ବଲପୁର ମହାନଗର ଅନ୍ତର୍ଗତ ଭତରାର ଐତିହାସିକ ଗାନ୍ଧୀ ମନ୍ଦିରଠାରେ ରବିବାର ଗାନ୍ଧି ଜୟନ୍ତୀ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗାନ୍ଧିଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଜିଲା ବିଜେଡି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ସହ ପଦଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମେ ମନ୍ଦିର ଭିତରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପୂଜାର୍ଚ୍ଚନା କରାଯାଇଥିଲା। ବିଜେଡି ତରଫରୁ ଗାନ୍ଧୀ ମନ୍ଦିର ପରିସରରୁ ମାସ ବ୍ୟାପି ଚାଲିବାକୁ ଥିବା ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ସହ ସ୍ୱଚ୍ଛତା ଓ ସଫେଇ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଜିଲା ବିଜେଡି ନେତୃମଣ୍ଡଳୀ, ଯୁବ, ଛାତ୍ର ଓ ମହିଳା ସଂଗଠକ ହାୱା ମଇଦାନରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ବିଜେଡି ସଭାପତି ଇଂ.ସିଦ୍ଧାର୍ଥ ଦାସଙ୍କ ସହ ପୂର୍ବତନ ରାଜ୍ୟସଭା ଏମ୍‌ପି ପ୍ରମିଳା ବହିଦାର, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ଆର୍ତ୍ତତ୍ରାଣ ମିଶ୍ର, ଅଶୋକ ସେନାପତି, ସଞ୍ଜୟ ବାବୁ, ସୁଧୀର ପାଣିଗ୍ରାହୀ, ସିପ୍ରା ମହାନ୍ତି, ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଶୁଭ୍ରାଂଶୁ ପାଢ଼ୀ, ମିଳନ ହୋତା, ରବିନ୍ଦ୍ର କୁଅଁର, ମନୋଜ ମହାପାତ୍ର, ସତୀଶ ବିଶି, ଧର୍ମରାଜ ମରେଇ ପ୍ରମୁଖ ସାମିଲ ଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ପ୍ରତିବର୍ଷ ପରି ଏବର୍ଷ ମଧ ବିଜୁ ଜନତା ଦଳ ତରଫରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ନଭେମ୍ବର ୨ ପର୍ଯ୍ୟନ୍ତ ଏକ ମାସବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ଜନସମ୍ପର୍କ ପଦଯାତ୍ରା ଜିଲା ସ୍ତରରୁ ଆରମ୍ଭ କରି ନିର୍ବାଚନମଣ୍ଡଳୀ, ନଗର, ପଞ୍ଚାୟତ ଏବଂ ୱାର୍ଡ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଆୟୋଜିତ ହେବ। ଜନସମ୍ପର୍କ ପଦଯାତ୍ରା ସମ୍ପୃକ୍ତ ଅଞ୍ଚଳରେ ବିଜେଡି ସରକାରଙ୍କ ସମସ୍ତ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏଥିସହିତ ରକ୍ତଦାନ, ବୃକ୍ଷରୋପଣ ତଥା ଅନ୍ୟାନ୍ୟ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଜନସେବା ଆଭିମୁଖ୍ୟକୁ ଆହୁରି ବ୍ୟାପକ କରାଯିବ ବୋଲି ବିଜେଡି ପକ୍ଷରୁ ଘୋଷଣା କରାଯାଇଛି।





ଭତରାସ୍ଥିତ ଗାନ୍ଧୀ ମନ୍ଦିରଠାରୁ ବିଜେଡିର ପଦଯାତ୍ରା ଆରମ୍ଭ।

## ଦିବ୍ୟାଙ୍ଗ ବିଦ୍ୟାଳୟରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ଝାରସୁଗୁଡ଼ା ଅଫିସ,୨।୧୦

ସ୍ଥାନୀୟ ବୁରୋମାଲ ବୁଡାପଡାସ୍ଥିତ ଝାଡେଶ୍ୱରୀ ସ୍ୱତନ୍ତ୍ର ଦୃଷ୍ଟିହୀନ, ମୁକ ବଧିର, ମାନସିକ ଅନଗ୍ରସର ଓ ମାନସିକ ପକ୍ଷଘାତ ବିଦ୍ୟାଳୟ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଡାକ୍ତର ଦିବେନ୍ଦୁ କୁମାର ସାହୁ, ଭାରତ ରତ୍ନ ସାହିତ୍ୟ ଓ ସଂସ୍କୃତି ପରିଷଦର ଅଧ୍ୟକ୍ଷ ଅନନ୍ତରାମ ସାହୁ, ୟଙ୍ଗ ଷ୍ଟାର ଚେରିଟେବୁଲ ଟ୍ରଷ୍ଟ ସଭାପତି ଇଂ ଅରବିନ୍ଦ ବାରିକ, ରାଷ୍ଟ୍ରୀୟ କରାଟେ ଫାଉଣ୍ଡସନର ସଭାପତି ସୁଶାନ୍ତ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ମମତା ଦାଶ ଉଭୟ ଗାନ୍ଧୀ ଓ ଶାସ୍ତ୍ରୀଙ୍କର ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କୁଲର ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ଓ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସଚିବ ହରିଶଙ୍କର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ପାହାଡି ମନ୍ଦିର ବିସ୍ଥାପିତଙ୍କୁ ଥଇଥାନ ନେଇ ଜିଲାପାଳଙ୍କୁ ଦାବିପତ୍ର



ମନ୍ଦିର କମିଟି କର୍ମକର୍ତ୍ତା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଛନ୍ତି ।

ଝାରସୁଗୁଡା ଅଫିସ୍,୨।୧୦

ଝାରସୁଗୁଡା ପାହାଡେଶ୍ୱର ମନ୍ଦିର ପରିସରରୁ ଉଚ୍ଛେଦ ହୋଇଥିବା ବିସ୍ଥାପିତଙ୍କୁ ପିପିପି ମୋଡରେ ଥଇଥାନ କରିବା ସହ ମନ୍ଦିର ଜମିରେ ପାଚେରି ନିର୍ମାଣପାଇଁ ମନ୍ଦିର କମିଟି ତରଫରୁ ଶନିବାର ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏନେଇ ଜିଲାପାଳ, ବିଧାୟକ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ତହସିଲଦାର ଆଦିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ମନ୍ଦିର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ପରେ ବାକି ରହିଥିବା ସରକାରୀ ଜମିକୁ ଚିହ୍ନଟ କରାଯାଇ ଏହାର ଉନ୍ନତିକରଣ କରାଯାଇ ଏଥିରେ ପାର୍କ, ସୁଇମିଂପୁଲ୍ ଆଦି କରାଯିବା ପାଇଁ ମନ୍ଦିର କମିଟି ତରଫରୁ ଦୀର୍ଘବର୍ଷରୁ ଦାବି ହୋଇଆସୁଛି । ହେଲେ ଏଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେଉନାହିଁ । ଫଳରେ ପୂର୍ବରୁ ବିସ୍ଥାପିତ ହୋଇଥିବା ପାହାଡି ପଡାବାସୀ ପୁଣି ମନ୍ଦିର ଜମିକୁ ଜବରଦଖଲକରି ବାସଗୃହକରି ବସବାସ କରିବାପାଇଁ ପ୍ରୟାସ ଚଳାଇଛନ୍ତି। ଏଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବ ବୋଲି କମିଟି ତରଫରୁ କୁହାଯାଇଛି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନବେଳେ ମନ୍ଦିର କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ସଂଗ୍ରାମ ମହାନ୍ତି, ତପନ ପଟ୍ଟନାୟକ, ଅମୀୟ ମହାନ୍ତି, ତୁଷାର ପଟେଲ, ଅଶୋକ କୁମାର ପରୁଆ, ସୋନୁ ସୁନା, ଶରତ ଚନ୍ଦ୍ର ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ନିଆରା ପରମ୍ପରା ଭାଇ ଜିଉନ୍ତିଆ

ସମ୍ବଲପୁର,୨।୧୦ (ବ୍ୟୁରୋ)

ଭାଇ ଜିଉଁନ୍ତିଆ ପଶ୍ଚିମ ଓଡିଶାର ନିଆରା ପରମ୍ପରା। ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଭାଇମାନଙ୍କ ଦୀର୍ଘାୟୁ କାମନା କରି ଭଉଣୀମାନେ ନିର୍ଜଳା ଉପବାସ ରହି ବ୍ରତଧାରଣ କରିଛନ୍ତି। ରବିବାର ସମ୍ବଲପୁର ସହରସ୍ଥିତ ବିଭିନ୍ନ ଦୁର୍ଗାପୂଜା ମଣ୍ଡପକୁ ସନ୍ଧ୍ୟାରେ ଭଉଣୀମାନେ ଯାଇ ପୂଜାର୍ଚ୍ଚନା କରିଛନ୍ତି। ଅକ୍ଷତ ୧୦୮ ଦୁବ ଓ ଅରୁଆ ଚାଉଳ ଦେବୀ ଦୁର୍ଗାଙ୍କୁ ଛୁଆଁଇ ପୂଜା ଥାଳିରେ ରଖିଥିଲେ। ଏହାପରେ ରାତିରେ ଭଉଣୀମାନେ ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ସୋମବାର ପ୍ରାତଃରେ ଭଉଣୀମାନେ ସ୍ନାନ କରି ଭାଇମାନଙ୍କୁ ୧୦୮ ଅକ୍ଷତ ଦୁବ ଓ ଅରୁଆ ଚାଉଳ ବନ୍ଦାଣ କରିବା ରୀତି ରହିଛି। ସମ୍ବଲପୁର ଜିଲାର ଗ୍ରାମାଞ୍ଚଳଗୁଡ଼ିକରେ ଭାଇ ଜିଉଁତିଆ ବ୍ରତ ଭଉଣୀମାନେ ପାଳନ କରିଛନ୍ତି।

ମନେ ପଡ଼ନ୍ତି

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କମଳା କୁମାରୀ ନନ୍ଦ
ସ୍ୱା: ୰ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮ (ଅନନ୍ତବ୍ରତ)
ତିରୋଧାନ: ୧୯।୧୦।୨୦୦୭ (ମହାଷ୍ଟମୀ)
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।
ପରିବାରବର୍ଗ ।
ଧ-୧୬୯୮

# ଆଶ୍ୱିନ ଅଷ୍ଟମୀ ତିଥିରେ ଡାଲଖାଇ ପୂଜା ଓ ନୃତ୍ୟ

ସମ୍ବଲପୁର,୨।୧୦(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ମାତୃପୂଜା ପରମ୍ପରା ଅତି ପ୍ରାଚୀନ। ଦେବୀଙ୍କୁ ସର୍ବଶକ୍ତିମୟୀ ଓ ସୃଷ୍ଟିକାରୀ ଭାବେ କେଉଁ ଆବାହମାନ କାଳରୁ ପୂଜା କରାଯାଉଛି। ସୃଷ୍ଟିର ଆଦ୍ୟ କାଳରୁ ପ୍ରକୃତି ସହ ମନୁଷ୍ୟର ନିବିଡ଼ ସମ୍ପର୍କ ରହିଆସୁଛି। ବୃକ୍ଷପୂଜାର ପରମ୍ପରା ବହୁ ପ୍ରାଚୀନ କାଳରୁ ଚାଲି ଆସୁଛି। ମାନବ ସଭ୍ୟତାର ସୃଷ୍ଟି କାଳରୁ ମଣିଷ ଓ ଜଙ୍ଗଲର ସମ୍ପର୍କ ନିବିଡ଼ ଥିଲା। ଜଙ୍ଗଲରେ ମଣିଷ ବସବାସ କରୁଥିଲା। ସେ ବୃକ୍ଷମୂଳେ ଜୀବନ ବିତାଇ ଫଳ, ମୂଳ ଓ ପତ୍ର ଖାଇ ଜୀବନ ଧାରଣ କରୁଥିଲା। ପ୍ରାକୃତିକ ପରିବେଶରେ ଉଦ୍ଭିଦ ଓ ପ୍ରାଣୀ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି ପରସ୍ପର ନିବିଡ଼ ଭାବେ ନିର୍ଭରଶୀଳ। ଏହି ଦୃଷ୍ଟିକୋଣରୁ ଜଙ୍ଗଲରେ ମଣିଷ ବିଭିନ୍ନ ପୂଜାର୍ଚ୍ଚନା ଓ ପର୍ବପର୍ବାଣୀ ପାଳନ କରିଆସୁଛି। ଏହି କ୍ରମରେ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ପଶ୍ଚିମ ଓଡ଼ିଶାର ଡାଲଖାଇ ପୂଜାର ସ୍ୱତନ୍ତ୍ରତା ରହିଛି। ଏହି ଅଞ୍ଚଳରେ ବର୍ଷସାରା ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ଡାଲଖାଇ ଏକ ଅନନ୍ୟ ଓ ଚିତ୍ତାକର୍ଷକ ପର୍ବ। ଡାଲଖାଇ ଦେବୀଙ୍କ ପୂଜା ମାଧ୍ୟମରେ ପ୍ରକୃତି ପୂଜା କରାଯାଏ । ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଗାଁଗୁଡ଼ିକରେ ଡାଲଖାଇ ପୂଜା କରାଯାଏ। ଗ୍ରାମର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଡାଲଖାଇ କୁଠି ରହିଥାଏ। କୁଠିର କାନ୍ଥରେ ଷୋଳହ ବଖରା ଘର ଅଙ୍କା ଯାଇଥାଏ। ଏହି ଘରଗୁଡ଼ିକରେ ଷୋହଳ ପ୍ରକାରର ଦେବାଦେବୀଙ୍କ ଚିତ୍ର ସ୍ଥାନିତ ହୋଇଥାଏ। ସପ୍ତମୀ ତିଥିରେ ଓଷା କରୁଥିବା ପ୍ରତ୍ୟେକ ଝିଅ କୁଠି ସମ୍ମୁଖରେ ପୂଜା କରିଥାନ୍ତି। ଅଷ୍ଟମୀ ତିଥିରେ ଝିଅମାନେ ନିର୍ଜଳା ଉପବାସ ରହି ଗ୍ରାମ ନିକଟସ୍ଥ ପୋଖରୀ ଓ ନଦୀ ଘାଟକୁ ଯାଇ ସ୍ୱତନ୍ତ୍ର ପୂଜା କରନ୍ତି। ଏହି ସମୟରେ ବଜାନିଆମାନେ ଢ଼ୋଲ, ନିସାନ, ତାଷା, ମହୁରୀ ଓ ଝାଞ୍ଜ ଧରି ରହିଥାନ୍ତି । ଯେଉଁଠାରେ ନାଚ, ଗୀତର ଆବଶ୍ୟକତା ହୋଇଥାଏ। ସେହି ସମୟରେ ବାଦ୍ୟ ବଜାଇଥାନ୍ତି। ପୋଖରୀ ଓ ନଦୀରେ ପୂଜା ସାରି ରାତିରେ ଡାଲଖାଇ କୁଠିକୁ ପୂଜା କରିବାକୁ ଝିଅମାନେ ଯାଇଥାନ୍ତି। ପୂଜା ପରେ ଡାଲଖାଇ ଓଷାର ଆରାଧ ଦେବୀ ଡାଲଖାଇଙ୍କ ସନ୍ତୁଷ୍ଟି ଲାଗି ଗୀତ, ନାଚ ଓ ବାଦ୍ୟ ପରିବେଶିତ ହୋଇଥାଏ। ଯାହାକୁ ଡାଲଖାଇ ନୃତ୍ୟ କୁହାଯାଏ। ଡାଲଖାଇ ଗୀତ ଗାଇବା ସମୟରେ ଢୁଲିଆ(ଢ଼ୋଲ ବଜାଉଥିବା ବ୍ୟକ୍ତି) ତାଳ ଦେବା ସହ ଟପା ମାରିଥାଏ। ଗୀତର ଶେଷରେ ଢ଼ୋଲ ସାଙ୍ଗକୁ ନିସାନ, ତାଷା, ମହୁରୀ ଓ ଝାଞ୍ଜଗୁଡ଼ିକ ଜୋରରେ ବାଜିଉଠେ। ଯାହାକୁ ଆମେ ଦୁଲଦୁଲି ବାଜା ବୋଲି କହିଥାଉ। ଏହାପରେ ସୁସଜ୍ଜିତ ଝିଅମାନେ ଅର୍ଦ୍ଧବୃତ୍ତାକାର ଭାବେ ଛିଡ଼ା ହୋଇ ଅଣ୍ଟା ନୁଆଁଇ ଡାଲଖାଇ ନୃତ୍ୟ କରିଥାନ୍ତି। କାନିରେ ବିଭିନ୍ନ ପ୍ରକାର ଗାମୁଛା, ମୁଣ୍ଡରେ ଢ଼ୋଲିଆ ଖୁସା କରି ତହିଁରେ ଖିରିପିନି, ପାନପତରି ଓ ଚାଉଁରୀମୁଡ଼ି ଖଞ୍ଜିଥାନ୍ତି। ଆର୍ଥିକ ସ୍ଥିତି ଅନୁସାରେ ଗଳାରେ ଟଙ୍କାମାଳ, ଖଗଲା, ଗୁଞ୍ଜିରମାଳି, ହାତରେ ଟାଡ଼ ବାହାସୂତା, କତରିଆ, ବନ୍ଦରିଆ, କଲାରି ଚୁଡ଼ି, ନାକରେ ନାକଫୁଲ, ଚକା ଗୁନା, ଉଣାରି, କାନରେ କର୍ଣ୍ଣଫୁଲ, ସିଙ୍ଗିରି, ଝଲକା, ଶଣ୍ଢୁଲା, ଅଣ୍ଟାରେ ଗାମୁଛା ଭିଡ଼ି ପାଦରେ ପଏଁରୀ, ପାଏଝଲ ପ୍ରଭୃତି ପାରମ୍ପରିକ ଗହଣା ପରିଧାନ କରନ୍ତି। ବିଭିନ୍ନ ଅଙ୍ଗଭଙ୍ଗୀରେ ଅଣ୍ଟାରେ ହାତକୁ ଛନ୍ଦି କିମ୍ବା ସ୍ୱତନ୍ତ୍ର ଭାବେ ଅଣ୍ଟା ନୁଆଇଁ ଡାଲଖାଇ ନୃତ୍ୟ କରନ୍ତି। ସେହିପରି ବଜାନିଆମାନେ ବିଭିନ୍ନ ରଙ୍ଗର ଧୋତି, ଅଞ୍ଚଳ ଭେଦରେ ଘେର, ଦେହରେ ଖାକି ଓ ଫତେଇ, ମୁଣ୍ଡ ଓ ଅଣ୍ଟାରେ ଗାମୁଛା ଭିଡ଼ି ବାଦ୍ୟ ବଜାଉଥାନ୍ତି। ଢ଼ୋଲିଆ ହାତରେ ରୁପାରେ ତିଆରି କଡ଼ା କିମ୍ବା ଖଡୁ ପିନ୍ଧନ୍ତି। ନିସାନ ଓ ମହୁରୀ ବାଦକମାନେ ବେକରେ ଫୁଲ ଓ ପହଲା ମାଳ ପିନ୍ଧିଥାନ୍ତି। ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ବଲାଙ୍ଗୀର, ବରଗଡ଼, ନୂଆପଡ଼ା, କଳାହାଣ୍ଡି ଗ୍ରାମାଞ୍ଚଳରେ ଡାଲଖାଇ ପୂଜା ହେଉଥିଲା। ଜଗତିକରଣ, ଶିଳ୍ପାୟନ ଓ ସହରୀକରଣ କାରଣରୁ ଅନେକ ଗ୍ରାମାଞ୍ଚଳରେ ଡାଲଖାଇ ପୂଜା ଲୋପ ପାଇବାରେ ବସିଲାଣି। ତଥାପି ପଶ୍ଚିମ ଓଡ଼ିଶାର ବରଗଡ଼ ଓ ବଲାଙ୍ଗୀର ଜିଲାର ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକରେ ଡାଲଖାଇ ପୂଜାର ପରମ୍ପରା ବର୍ତ୍ତମାନ ମଧ ବଞ୍ଚିରହିଛି।



ଡାଲଖାଇ କୁଠି।

### ଷୋହଳ ବଖରା ଘରେ ଷୋହଳ ଦେବାଦେବୀ

OFFICE OF THE EXECUTIVE ENGINEER
MINOR IRRIGATION DIVISION, DHENKANAL
No.2447 / Dt.27.09.22
e-Procurement Notice
Bid Identification No. DMID / 07/ 2022-23
e-mail ID: eemidkl@yahoo.co.in

No.A-566:- The Executive Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in different Block of Dhenkanal District for the year 2022-23 under MATY and Special Repair Scheme |
| No. of works | : | 06 (Six) only |
| Estimated cost | : | Varies from 20.00 lakh to 83.04 lakh (Approximately) |
| Cost of tender paper | : | 6000/- to 10000/- (Non-refundable) |
| Period of completion | : | 06 (Six) calendar months |
| Availability of bid documents for sale and receipt through online | : | From dt.13.10.2022, 10.00 A.M. to dt.24.10.2022, upto 5.00 P.M. |
| Last date / time of receipt of bids in the portal | : | 24.10.2022 (5.00 P.M.) |
| Date of technicla bid opening through online | : | On dt.25.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of financial bid opening through online | : | On dt.29.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of transparenet lottery | : | 31.10.2022 at 11.00 A.M. |
| Mode of payment of bid cost | : | Online |
| Digital signature certificate of bidder | : | The bidder must possess compatible digital signature certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & address of the OIT | : | Executive Engineer, MInor Irrigation Division, Dhenkanal At/P.O./District-Dhenkanal, Ph.No./Fax No.- 06762-224461, Email ID: eemidkl@yahoo.co.in |
| Further details can be seen from the e-Procurement market place http://tendersorissa.gov.in | | |

Sd./- Executive Engineer, M.I. Division, Dhenkanal
OIPR-32027/11/0005/2223

## ସ୍କୁଟିରୁ ପଡ଼ି ଯୁବକ ଗୁରୁତର

**ଲାଞ୍ଜିଗଡ,(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅଧୀନ ଭାଟଗୁଡା ପୋଲ ନିକଟରେ ରବିବାର ସ୍କୁଟିରୁ ପଡି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ବିଶ୍ୱନାଥପୁର-ଲାଞ୍ଜିଗଡ ମୁଖ୍ୟ ରାସ୍ତାରେ ବରଗଡ଼ ଜିଲାର ଚୁଡାମଣି ମରିଆ କୌଣସି କାମରେ ସ୍କୁଟିରେ ଲାଞ୍ଜିଗଡଠାରୁ ବିଶ୍ୱନାଥପୁର ଆସୁଥିଲେ। ଛତ୍ରପୁର ପଞ୍ଚାୟତ ଭାଟଗୁଡା ପୋଲ ନିକଟରେ ପଡି ଗୁରୁତର ଆହତ ହୋଇଥିଲା। ଏହି ସମୟରେ ଉକ୍ତ ରାସ୍ତା ଦେଇଯାଉଥିବା ଲାଞ୍ଜିଗଡ ପ୍ରେସ କ୍ଲବ ସଦସ୍ୟ ରମେଶ ଚନ୍ଦ୍ର ନାୟକ ଯୁବକ ଗୁରୁତର ଅବସ୍ଥାରେ ପଡି ରହିଥିବା ଦେଖି ଲାଞ୍ଜିଗଡ ବେଦାନ୍ତ ଡାକ୍ତରଖାନା ସହିତ ଯୋଗାଯୋଗ କରି ଆମ୍ବୁଲାନ୍ସ ଡକାଇ ଗୁରୁତରଙ୍କୁ ବେଦାନ୍ତ ଡାକ୍ତରଖାନାକୁ ପଠାଇଥିଲେ।

### ସଂକ୍ଷେପରେ

## ଗ୍ରାମସଭାରେ ବିଭିନ୍ନ ପ୍ରସ୍ତାବ ଅନୁମୋଦନ

**କର୍ଲାମୁଣ୍ଡା,୨।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ପଞ୍ଚାୟତ ରବିବାର ଗାନ୍ଧୀ ଜୟନ୍ତୀ ପାଳନ ସହ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରିଞ୍ଜା ପଞ୍ଚାୟତଠାରେ ସରପଞ୍ଚ ପଞ୍ଚାନନ ବାଗଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଗୁଣଗାନ କରିଥିଲେ। ଏଥିରେ ସ୍ୱଚ୍ଛତା ଓ ପରିମଳ ଉପରେ ଆଲୋଚନା କରାଯିବା ସହ ବିଭିନ୍ନ ପ୍ରସ୍ତାବଗୁଡିକ ଅନୁମୋଦନ ହୋଇଥିଲା। ବିଶେଷ ଭାବେ ଏହି ପଞ୍ଚାୟତକୁ ନିୟମିତ ଭାବେ ଗ୍ରାମ୍ୟ କୃଷି କର୍ମୀ ଆସୁ ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କୁ ବଦଳି କରାଯିବା ଓ ରେଙ୍ଗାଲିଠାରେ ଦୁଇ ବର୍ଷ ତଳେ ଧାନ ଖଳା ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲେ ହେଁ ଶ୍ରମିକ, ମେଟ ଓ ସାମଗ୍ରୀ ଯୋଗାଇଥିବା ଲୋକେ ପ୍ରାପ୍ୟ ପାଇ ନ ଥିବାରୁ ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ସେହିପରି ଜମି ମରାମତି, ଗାଇ ଗୁହାଳ ଓ ଗ୍ରାମୀଣ ଆବାସ ଯୋଜନାରେ ସାମିଲ ପାଇଁ ହିତାଧିକାରୀମାନଙ୍କ ଅନୁରୋଧକ୍ରମେ ତାଲିକା ପ୍ରସ୍ତୁତ କରାଯାଇଥିଲା।

## ଉଠାଦୋକାନୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

**ବଲାଙ୍ଗୀର ଅଫିସ,୨।୧୦:** ବଲାଙ୍ଗୀର ସହର ମୁଖ୍ୟ ରାସ୍ତାକଡ ଉଠାଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ ପ୍ରତିଷ୍ଠା ଏବଂ ସେମାନଙ୍କ ଉଚିତ୍ ଥଇଥାନ ଦାବିରେ ଶନିବାରଠାରୁ ଆରମ୍ଭ କରାଯାଇଥିବା ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି। ଜିଲାପାଳ ଚଞ୍ଚଳ ରାଣା ଏଦିଗରେ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଉଠାଦୋକାନୀମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଛନ୍ତି। ସ୍ଥାନୀୟ ଗାନ୍ଧୀନଗରପଡା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସିଥିବାବେଳେ ରବିବାର ଜିଲାପାଳ ଧାରଣସ୍ଥଳକୁ ପହଞ୍ଚି ଉଠାଦୋକାନୀ ସଂଘ ମୁଖ୍ୟ ଶରତ ଚନ୍ଦ୍ର ଜୟସ୍ୱାଲଙ୍କୁ ସେମାନଙ୍କ ଦାବିପୂରଣ ନେଇ ପଦକ୍ଷେପ ନେବା ଦିଗରେ ପ୍ରତିଶ୍ରୁତି ଦେଇଥିଲେ। ଏହି ବିଷୟରେ ପୌର ସଂସ୍ଥା ସହ ଆଲୋଚନା କରିବେ ବୋଲି ମଧ କହିଥିଲେ। ଆନ୍ଦୋଳନକାରୀ ଶରତ ଚନ୍ଦ୍ର ଜୟସ୍ୱାଲ, ଶିବ ସାହୁ, ଅମର କର, ବନମାଳି ମେହେର, ଅନିଲ ଲାଲୱାନି, ନାରାୟଣ ରାଉତ, ସୟଦ ଅଫ୍ରୋଜ ଅଲ୍ଲି, ସୁକାନ୍ତି ବାରକ ଧାରଣାରେ ବସିଥିଲେ।

# ଗାନ୍ଧିଜୀଙ୍କ ଅହିଂସାର ବିକଳ୍ପ ନାହିଁ

**ବଲାଙ୍ଗୀର ଅଫିସ,୨।୧୦**

ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗାନ୍ଧୀନଗରପଡା ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଥିଲା। ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧିକ୍ଷା ଲିକା ସାହୁ, ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ଲମ୍ବୋଦର ଧରୁଆ, ସହକାରୀ ଜିଲାପାଳ ଗୁରେଶ୍ୱର ଭୋଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗାନ୍ଧୀଜୀଙ୍କ ଜୀବନ ହିଁ ତାଙ୍କର ବାର୍ତ୍ତା ଥିଲା। ସମଗ୍ର ଜୀବନକୁ ସେ ଜନସେବାରେ ଉତ୍ସର୍ଗ କରିଦେଇଥିଲେ ବୋଲି ଜିଲାପାଳ ରାଣା କହିଥିଲେ।

ସ୍ଥାନୀୟ ଗାନ୍ଧୀଭବନ ସମ୍ମୁଖ ଗାନ୍ଧୀ ପ୍ରତିମୂର୍ତ୍ତିରେ ସକାଳ ପ୍ରାୟ ୯ଟାରେ ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଥିଲା। ଯୁଜେଷ୍ଟି ମେହେରଙ୍କ ପରିଚାଳନାକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୂଚନାକର୍ମୀ ହେମନ୍ତ ପଣ୍ଡା ଓ ଶିକ୍ଷୟିତ୍ରୀ କସ୍ତୁରୀ ରଥ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମନୋରଞ୍ଜନ ପୁରୋହିତ, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ବୀରେନ୍ଦ୍ର କୁମାର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ମହାକୁର, ବିଭୁ କଲ୍ୟାଣ ଗଡତ୍ୟା ଯୋଗଦାନ କରି ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ମାନବବାଦ ଓ ମହାନ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଗାନ୍ଧିଜୀ ଦେଖାଇଥିବା ମାର୍ଗ ଓ ଅହିଂସା ନୀତି ସମଗ୍ର ବିଶ୍ୱକୁ ଶାନ୍ତି ଓ ଭାଇଚାରରର ବାର୍ତ୍ତା ଦେଇଆସୁଛି। ଗାନ୍ଧୀଜୀଙ୍କ ଅହିଂସା ନୀତିର ବିକଳ୍ପ ନାହିଁ ବୋଲି ବକ୍ତାମାନେ କହିଥିଲେ। ବିଜେଡି ପକ୍ଷରୁ ମଧ ଏଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଥିଲା। ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ଆଡଭୋକେଟ ଓଙ୍କାର ପାଣିଗ୍ରାହୀ, ଜୟରାମ ମିଶ୍ର, ପୂର୍ବତନ ନଗରପାଳ ଦମୟନ୍ତୀ ବାଗ, ଲକ୍ଷ୍ମଣ କୁମାର ମେହେର, ମହେନ୍ଦ୍ର ବାଗ, ଧ୍ରୁବ ଜୁଏଡ, ନରସିଂହ ବାଗ ଉପସ୍ଥିତ ରହି ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ସଂସ୍କାର କାମ ଓ ଜନସେବା ଉପରେ ମହତ୍ୱ ଦେବାକୁ ଆଲୋଚନା କରାଯାଇଥିଲା। ନେସନାଲ ପିସ ୟୁନିସନ ପକ୍ଷରୁ ସତ୍ୟ ମିଶ୍ରଙ୍କ ଆବାହକତ୍ୱରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା।



ଗାନ୍ଧୀଭବନ ସମ୍ମୁଖ ପ୍ରତିମୂର୍ତ୍ତିରେ ଗାନ୍ଧିଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ବଲାଙ୍ଗୀରରେ ମହାତ୍ମା ଗାନ୍ଧୀ, ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ**

## ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ ପାଳିତ

**କୋକସରା,୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଡିଓ ଉତ୍ତମ କୁମାର ବାଗଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଜିପିଇଓ ନାରାୟଣ ଭୋଇ, ସମାଜ ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ମୁଖ୍ୟ କିରାଣି ଅଚ୍ୟୁତାନନ୍ଦ ନାଗ ସମେତ ବ୍ଲକର କର୍ମଚାରୀ ଉପସ୍ଥିତ ରହିଥିଲେ। ଗାନ୍ଧୀ ଦିବସ ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠି ମହିଳାମାନେ ଯୋଗଦେଇଥିଲେ। ସେହିପରି ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ସଭାପତି ଘନଶ୍ୟାମ ଜାଲଙ୍କ ସଭାପତିତ୍ୱରେ ନିମାଇଁ ଚରଣ ଧଙ୍ଗଡାମାଝି, ପୁରୁଷୋତ୍ତମ ଗୁପ୍ତା, ତ୍ରିଭୁବନ ନାଏକ, କେଶବ ଚନ୍ଦ୍ର ନାଏକ, ହରିଶ୍ଚନ୍ଦ୍ର ନାଏକ, ଅଭିମନ୍ୟୁ ପଟ୍ଟନାୟକ, ମହେନ୍ଦ୍ର ଧରୁଆ, ହେମନ୍ତ ବାଗ, କମଳ ଲୋଚନ ନାଏକ, ଲିଙ୍ଗରାଜ ବେହେରା ଉପସ୍ଥିତ ରହିଥିଲେ।

**କେସିଙ୍ଗା,(ଡି.ଏନ.ଏ.):** କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ବ୍ଲକ ଚେୟାରମ୍ୟାନ ଚନ୍ଦନ ସେନାପତିଙ୍କ ଅଧକ୍ଷତାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକର ୨୬ଟି ଗ୍ରାମପଞ୍ଚାୟତ ବିଭିନ୍ନ କଳାକାରମାନେ ଯୋଗଦେଇଥିଲେ। ଏଥିରେ ଜିପିଓ ଜୟନ୍ତ ମୁଣ୍ଡ, ଜିଲା ସରପଞ୍ଚ ସଂଘ ସଭାପତି ସୁବୋଧ ରଣା, ଲଇତରା ସରପଞ୍ଚ ଅଶୋକ କୁମାର ପୋଢ଼, ଶିରୋଳ ପଞ୍ଚାୟତ ସମିତି ସଭ୍ୟ ପ୍ରତାପ ବାଗ, କନ୍ଦେଶିର ସରପଞ୍ଚ ମମତା ନାଗ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥଲେ ତୁଣ୍ଡଲା ପିଇଓ ଉମାଶଙ୍କର ପ୍ରଧାନ। ଆୟୋଜିତ ବିଭିନ୍ନ ପ୍ରତିଯୋଗାରେ ବିଜେତା କଳାକାରଙ୍କୁ ସାର୍ଟିଫିକେଟ, ଟ୍ରଫି ଦେଇ ପୁରସ୍କୃତ କରାଯାଇଛି।

**ନର୍ଲା,(ଡି.ଏନ.ଏ.):** ନର୍ଲା ବ୍ଲକର ରେଖପୁର, ଅସୁରଗ ଗ୍ରାମ ନନ୍ଦଘରଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ରେଖପୁର ନନ୍ଦଘରଠାରେ ୱାର୍ଡସଭ୍ୟା ମନୋରମା ବିଶି ସଭାପତିତ୍ୱ କରିଥିଲେ। ତାଙ୍କର ଓ ନିତୀ ଅନୁସରଣ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଆୟୋଜକ ମମତା ହିମ୍ବ ବେଦାନ୍ତ ନନ୍ଦଘର କାର୍ଯ୍ୟକ୍ରମ ପ୍ରୋଗାମ ଆସିଷ୍ଟାଣ୍ଟ ଅରୁଣ କୁମାର ପ୍ରଧାନୀ ସମୟାନୁ ବର୍ତ୍ତିତା ଓ ଶୃଙ୍ଖଳା ଉପରେ ଜଣାଇଥିଲେ। ଅଙ୍ଗନୱାଡି କର୍ମୀ ରୀନା ସାହୁ, ଦେବକୀ କୁମାର, ସନ୍ଧ୍ୟାଣୀ ସାହୁ, ନନ୍ଦିନୀ ବିଶ୍ୱାଳହ, ତରୁଣୀ ଶବର ଦୁଇ ମହାତ୍ମାଙ୍କ ଉପରେ ବୁଝାଇଥିଲେ।

## ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ



ଗାନ୍ଧୀ ମୂର୍ତ୍ତି ନିକଟଠାରେ ଉପସ୍ଥିତ ଅତିଥି ଓ ଅଧିକାରୀ।

**ନୂଆପଡ଼ା ଅଫିସ,୨।୧୦**

ନୂଆପଡା ସଦର ମହକୁମାସ୍ଥିତ ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବଗୋଷ୍ଠୀ ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଚାଲିବା ପାଇଁ ଆହ୍ୱାନ କରିଥିଲେ। ଗାନ୍ଧୀ ଜୟନ୍ତୀରେ ଜିଲାପାଳ ହେମାକାନ୍ତ ସାଏ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, କର୍ଣ୍ଣ ସୁନା, ରାଜେନ୍ଦ୍ର ବଡେଇ, ବିବେକାନନ୍ଦ ମହାନନ୍ଦ, ଅଜୟ ପଟ୍ଟନାୟକ, ବିଭୁଦତ ମିଶ୍ର, ଲୋପାମୁଦ୍ରା ସାମଲ, ଭାନୁପ୍ରତାପ ସିଂ ମାଝି, ଅବନୀ ରଞ୍ଜନ ଯୋଶୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସତ୍ୟ, ଅହିଂସା ଥିଲା ଗାନ୍ଧିଜୀଙ୍କ ଅମୋଘ ଅସ୍ତ୍ର

**ଟିଟିଲାଗଡ଼, ୨।୧୦(ଡି.ଏନ.ଏ.):** ଟିଟିଲାଗଡ଼ରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ରାମଧୁନ ପରିବେଷଣ କରାଯାଇଥିଲା। ପରେ ଉପଜିଲାପାଳଙ୍କ ସଭାଗୃହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସହାୟକ ଜିଲାପାଳ ଚନ୍ଦ୍ରପ୍ରସାଦ ଦେହୁରୀ, ଗୁରୁଚରଣ ଦାଶ, ଅତିରିକ୍ତ ତହସିଲଦାର କର୍ଣ୍ଣ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଉପଜିଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସତ୍ୟ, ଅହିଂସା ଥିଲା ଗାନ୍ଧିଜୀଙ୍କର ଅମୋଘ ଅସ୍ତ୍ର। ଅନ୍ୟ ଅତିଥିମାନେ ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଅବସରପ୍ରାପ୍ତ ଡାକ୍ତର ଘନଶ୍ୟାମ ଜୈନ ସତ୍ୟ ପଥରେ ଚାଲିବା ପାଇଁ ପରାମର୍ଶ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ କିରାଣୀ ଟିକେଲାଲ ବେହେରା। ଜଗନ୍ନାଥ ପଣ୍ଡା, ରାଜୀବ ଲୋଚନ ପାଢ଼ୀ, ଡ଼ ଯୁଗଳ ଷଡ଼ଙ୍ଗୀ, ଅଭିନ କିଶୋର ରଥ, ଜ୍ୟୋତି ପ୍ରକାଶ ଗଡ଼ତିଆ, ପ୍ରଶାନ୍ତ ଖୁଆସ, ରାଜୁ ନାୟକ, ନୀଳମଣି ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା ହିଁ ସେବା

**କୋକସରା,୨।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ପଞ୍ଚାୟତରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାନ୍ଧୀଜୀଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଗହଣରେ କୋକସରା ଗ୍ରାମ ପରିକ୍ରମା କରି ସ୍ୱଚ୍ଛତା ହିଁ ସେବା ସଚେତନତା କରି ଲୋକଙ୍କୁ ସ୍ୱଚ୍ଛତା ବାର୍ତ୍ତା ଦେଇଥିଲେ। କୋକସରା ବସଷ୍ଟାଣ୍ଡ ସମେତ ଅନ୍ୟ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଥିଲେ। ସତ୍ୟସାଇ ଭଜନ ମଣ୍ଡଳି ମାଝିଗୁଡା ଆନୁକୂଲ୍ୟରେ ସ୍ୱଚ୍ଛତାରୁ ଦିବ୍ୟତୁ କାର୍ଯ୍ୟକ୍ରମ ଆରମ୍ଭ ଅବସରରେ ଆବାହକ ଅଭିମନ୍ୟୁ ପୁଞ୍ଜି, ତାପସ ରଞ୍ଜନ ବାଗ, ମୁକୁନ୍ଦ ହଂସ, ଧର୍ମରାଜ ସାହୁ, ଲକ୍ଷ୍ମୀକାନ୍ତ ପୁଞ୍ଜି, ସୁଶାନ୍ତ ପୁଞ୍ଜି, କୈବଲ୍ୟ ବାଗ, ଅରୁଣ ଘି, ଚମ୍ପେଶ୍ୱର ନାଏକ, ସରୋଜ ପୁଞ୍ଜି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

**ଭବାନୀପାଟଣା,୨।୧୦(ସ୍ୱ.ପ୍ର.)**




ଲୋଇସିଂହା ନିର୍ବାଚନ ମଣ୍ଡଳୀର ରିନବଚନରୁ ବାହାରିଥିବା ପଦଯାତ୍ରା।

ଭବାନୀପାଟଣାରେ ବିଜେଡିର ଜିଲାସ୍ତରୀୟ ପଦଯାତ୍ରା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରୁ ବିଜୁ ପଟ୍ଟନାୟକ ଷ୍ଟାଚ୍ୟୁ ପର୍ଯ୍ୟନ୍ତ ଯାଇଥିଲା। ପରେ ସ୍ଥାନୀୟ ହସ୍ପିଟାଲ ଛକରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ସଭାପତିତ୍ୱ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ସଭା ପରିଚାଳନା କରିଥିଲେ। ନର୍ଲା ବିଧାୟକ ଭୁପିନ୍ଦର ସିଂହ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରି, ଧର୍ମଗଡ ବିଧାୟକ ମୌଷଧି ବାଗ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଅନାମ ନାଏକ, ଗୋବର୍ଦ୍ଧନ ଦାଶ, ଜିଲା ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ଜିଲା ପରିଷଦ ଉପାଧକ୍ଷା ସୁଧୀରା ମେହେର, ପୌରାଧକ୍ଷ ସଂଯୁକ୍ତା ବେହେରା, ଉପାଧକ୍ଷ ବିଷ୍ଣୁ ପ୍ରଧାନ, ଯୁବ ବିଜେଡ଼ି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡ଼ି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର ପ୍ରମୁଖ ଯୋଗଦେଇଥିଲେ।

**ଖଡ଼ିଆଳ,(ଡି.ଏନ.ଏ.):** ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରାଯାଇଥିବା ବେଳେ ନୂଆପଡ଼ା ଜିଲାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଦଳୀୟ ନିଷ୍ପତ୍ତି ବାହାରେ ଖଡିଆଳ ଗାନ୍ଧୀ ଛକଠାରେ ଖଡିଆଳ ନିର୍ବାଚନ ମଣ୍ଡଳୀର କିଛି ବିଜେଡି କର୍ମୀ ଓ ନେତାମାନେ ବିଜେଡି ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛନ୍ତି। ଏଥିରେ ବିଜେଡି ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର, ପୂର୍ବତନ ସରପଞ୍ଚ ଅମରେଶ ପଟ୍ଟନାୟକ, ଖଡିଆଳ ବ୍ଲକ ବିଜେଡି ସଭାପତି ସନ୍ତୋଷ କୁମାର ବିଶି ଓ ସଚିତ ଚଲାନଙ୍କ ସମେତ ଅନେକ କର୍ମୀମାନେ ଉପସ୍ଥିତ ଥିଲେ। ଜିଲାର ଦୁଇଟି ସ୍ଥାନରେ ପୃଥକ ଭାବେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହେବା ବିଜେଡି ମଧ୍ୟରେ ଗୋଷ୍ଠି କନ୍ଦଳ ରହିଥିବା ଚର୍ଚ୍ଚା ଜୋର ଧରିଛି।

**ଦେଓଗାଁ,(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡାରେ ବିଜେଡି ପକ୍ଷରୁ ପଦଯାତ୍ରା ଆରମ୍ଭ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଦଯାତ୍ରା କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଅର୍କେଶ ନାରାୟଣ ସିଂଦେଓ, ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ଜିଲା ବିଜେଡି ଯୁବ ସଭାପତି ରାଜେନ୍ଦ୍ର ହୋତା, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ଜିଲା ବିଜେଡି ଉପସଭାପତି ଉମାଶଙ୍କର ସିଂ, ବ୍ଲକ ବିଜେଡି ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ବିଜେଡି ଯୁବନେତା ଅଚ୍ୟୁତ ମିଶ୍ର, ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ଅନ୍ତର୍ଯ୍ୟାମୀ ଭୋଇ, କୁଡୁର୍ଲା ପାକ୍ସ ନିର୍ଦ୍ଦେଶକ ବୁଦ୍ଧଦେବ ପରୁଆ, କୈଳାସ ମହାନ୍ତି, ପ୍ରମୁଖ ସାମିଲ ଥିଲେ।

**ନୂଆପଡ଼ା ଅଫିସ:** ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ନୂଆପଡା ସଦର ମହକୁମାସ୍ଥିତ ଗାନ୍ଧୀ ପ୍ରମୋଦ ଉଦ୍ୟାନ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଆରମ୍ଭ ହୋଇ ଖରିଆର ରୋଡ ପର୍ଯ୍ୟନ୍ତ ପଦଯାତ୍ରା ଯାଇଥିଲା। ଅକ୍ଟୋବର ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ଉପଲକ୍ଷେ ଜିଲାରେ ୫ ଶହ ୟୁନିଟ ରକ୍ତ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଖରିଆର ରୋଡ ଗଣପତି ପ୍ଲେସଠାରେ ଅନୁଷ୍ଠିତ ହେବ ବୋଲି ସଭାରେ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ଢୋଲକିଆଙ୍କ ସମେତ ଜିଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର, ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା, ବିଜେଡି ଯୁବଛାତ୍ର ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଭାନୁପ୍ରତାପ ସିଂ ମାଝି, ଅବନୀ ରଞ୍ଜନ ଯୋଶୀ, ଯଶୋବନ୍ତି ମେହେର ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

**ଲୋଇସିଂହା,(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜେଡିର ପଦଯାତ୍ରା ଆଗଲପୁର ବ୍ଲକ ରିନବଚନରୁ ରବିବାର ଆରମ୍ଭ ହୋଇଛି। ପଞ୍ଚାୟତର ୩ଟି ଗ୍ରାମରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ରିନବଚନ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସାଧାରଣ ସଭାରେ ବ୍ଲକ ସଭାପତି ପଞ୍ଚୁ ପଧାନ ଅଧ୍ୟକ୍ଷତା କରିଥିଲେ। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମିତି ସଭ୍ୟା ଅନୀତା ଭୋଇ, ଶ୍ରୀନିବାସ ମଲ୍ଲିକ, କମଳ ସେଠ, ଉତ୍ତମ ଭୋଇ, ନାରାୟଣ ସାହୁ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ନେତୃବର୍ଗ ଆଲୋକପାତ କରିଥିଲେ।

### ଲଡୁଗାଁ ଶାରଦୀୟ ଦୁର୍ଗାପୂଜା

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**କୋକସରା,୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ଦୁର୍ଗାପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ମଣ୍ଡପରେ ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଥିବା ବେଳେ ରାତିରେ ମା' ପଦ୍ମିନୀ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଷଷ୍ଠ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ଚନ୍ଦ୍ର ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟବକ୍ତା ଭାବେ ଶ୍ରବଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ପୋରାଧକ୍ଷ୍ୟା ସଂଯୁକ୍ତା ବେହେରା, ଆମପାଣି ଜିଲା ପରିଷଦ ସଦସ୍ୟ ହେମନ୍ତ ମାଝି, ବରିଷ୍ଠ ଶିକ୍ଷାବିତ୍ ତ୍ରିନାଥ ଠାକୁର, ଅମର ଅଗ୍ରୱାଲ, ପୂଜା କମିଟି ସମ୍ପାଦକ କହ୍ନେଇ ଚରଣ ଦାସ ଉପସ୍ଥିତ ରହିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ କୋଲକତା ରୁପ ଦାସ ଡ୍ୟାନ୍ସ ଗ୍ରୁପ, ଗୋଟିପୁଅ ନୃତ୍ୟ, ପୁରୀ, ବରଗଡ଼ ଗାଇସିଲେଟ ସରଗମଲ୍ଲୀ, ଏଲଏସ ଡ୍ୟାନ୍ସ ଗ୍ରୁପ ଲଡୁଗାଁ, ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଲୋକନୃତ୍ୟ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ମମତା ପାଢ଼ୀ ଓ ସୁପ୍ରିତୀ ଦାସ ମଞ୍ଚରେ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ରାଜୀବ ଅଗ୍ରୱାଲ, ପଙ୍କଜମୁଖ ଚୌଧୁରୀ, ଶ୍ରୀମନ୍ତ ପାଢ଼ୀ, ରବି ନାରାୟଣ ଦାସ, ସନ୍ତୋଷ ସାହୁ, ସନ୍ତୋଷ ଦାସ, ସୁରଞ୍ଜନ ଦାସ, ଶ୍ରୀକାନ୍ତ ଶର୍ମା, ସଞ୍ଜୟ ଅଗ୍ରୱାଲ, ମଣ୍ଟୁ ପାଢ଼ୀ, ଅରୁଣ ଗୋୟଲ ପ୍ରମୁଖ ସହଯୋଗ କରିଥିଲେ।



ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ଉପସ୍ଥିତ ଅତିଥି।

# ରୋଷେୟା ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ନୂଆପଡ଼ା ଅଫିସ,୨।୧୦**

ନୂଆପଡା ଜିଲାରେ ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସେବାଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ପାଚକ, ପାଚିକା, ରୋଷେୟା ଓ ସେବାୟତ ସଂଘ ପକ୍ଷରୁ ଚାକିରି ନିୟମିତ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୂଆପଡା ଜିଲାପାଳ ହେମାକାନ୍ତ ସାଏ ଓ ଜିଲା ମଙ୍ଗଳ ଅଧିକାରୀ ନନ୍ଦ କିଶୋର ତାଣ୍ଡିଙ୍କୁ ସାକ୍ଷାତ କରି ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାରେ ଅନୁସୂଚିତ ଜନଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ୪୮ଟି ସେବାଶ୍ରମ ବିଦ୍ୟାଳୟ ରହିଛି। ଏଥିରେ ୨୯୬ଜଣ ପାଚିକା, ପାଚକ, ରୋଷେୟା ଓ ସେବାୟତ କାର୍ଯ୍ୟ କରୁଛନ୍ତି। ଜଣେ ବ୍ୟକ୍ତି ୬ ବର୍ଷ କାର୍ଯ୍ୟ କଲେ ନିୟମିତ ହେବା ସରକାରଙ୍କ ନିୟମ ରହିଛି। ହେଲେ ୩୫ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିବା ପରେ ମଧ୍ୟ ନିୟମିତ ହୋଇ ପାରୁନାହାନ୍ତି। ଛାତ୍ରୀଛାତ୍ରମାନଙ୍କ ପାଇଁ ସୁଷମ ଖାଦ୍ୟ ପ୍ରସ୍ତୁତ କରି ପରିସିବା ସହ ସେମାନଙ୍କ ଯତ୍ନ ମଧ୍ୟ ନେଉଛୁ। ହେଲେ ସରକାର ଆମ ପ୍ରତି ନିଷ୍ଠୁର କାହିଁକିବୋଲି ସଂଘ ପ୍ରଶ୍ନ କରିଛି। ୬ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଥିବା ପାଚକ, ପାଚିକା, ରୋଷେୟା, ସେବାୟତଙ୍କୁ ନିୟମିତ କରାଯାଉ ଓ ମାସିକ ବେତନ ୧୮ ହଜାରରୁ ଊର୍ଦ୍ଧ୍ୱ କରାଯାଉ, ସେବାଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କ ଇପିଏଫ କଟାଯାଉ ଓ ବର୍ଷକୁ ୧୫ ଦିନ ଛୁଟି ମଞ୍ଜୁର, ଯୁକ୍ତ ୨ ଶିକ୍ଷାଗତ ଥିବା ବ୍ୟକ୍ତିଙ୍କୁ ତାଲିମ ଦିଆଯାଇ କନିଷ୍ଠ ମେଟ୍ରନ ଭାବେ ନିଯୁକ୍ତ, ଚାକିରି ସମୟରେ ଆକସ୍ମିକ ଦୁର୍ଘଟଣା ଘଟିଲେ ପରିବାରଙ୍କୁ ଅନୁକମ୍ପା ମୂଳକ ପ୍ରୋତ୍ସାହନ ରାଶି ପ୍ରଦାନ ସହ ଜଣଙ୍କୁ ନିଯୁକ୍ତ, ଛାତ୍ରୀଛାତ୍ରମାନେ ଆକସ୍ମିକ ଦୁର୍ଘଟଣା ଘଟିଲେ ରୋଷାୟାମାନଙ୍କୁ ଦାୟୀ କରାଯାଇ ଚାକିରିରୁ ବହିଷ୍କାର କରିବା ବ୍ୟବସ୍ଥାକୁ ଉଚ୍ଛେଦ ଓ ଅମେ ଦିନରାତି ଖଟି ଅଧିକାଂଶ ସମୟରେ ସ୍ୱାସ୍ଥ୍ୟ ଖରାପ ହେଉଛି। ଆମକୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉ ବୋଲି ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ନୂଆପଡ଼ା ସଂଘ ସଭାପତି କୁବେର ରାଉତ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶବର, କୋମନା ବ୍ଲକ ସମ୍ପାଦକ ଜଗତ ଖର୍ସେଲ, ଖଡିଆଳ ବ୍ଲକ ସମ୍ପାଦକ ଥଣ୍ଡିରାମ ଭୋଇ, ପୁସ୍ତମ ମାଝି, କବି ଶବର, ସୁବାସିନୀ ମାଝି, ଗିତାଞ୍ଜଳି ମାଝି, ହରିପ୍ରିୟା ମଲ୍ଲିକ, କନକଲତା ମାଝି, ଦୁତିକା ମାଝି, ଦେବକି ମାଝି, ଲବନି ଆଡବଙ୍ଗ ପ୍ରମୁଖ ସମେତ ସଂଘର ସଦସ୍ୟାସଦସ୍ୟ ଉପସ୍ଥିତ ରହିଥିଲେ।



ଦାବିପତ୍ର ଦେବାକୁ ଆସିଥିବା ରୋଷେୟା ସଂଘର ସଦସ୍ୟାସଦସ୍ୟମାନେ।

**ଚାକିରି ନିୟମିତ କରିବାକୁ ଦାବି**

**ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ**

ପାଇକମାଲ, (ଡି.ଏନ.ଏ.): ବରଗଡ ଜିଲା ନୃସିଂହନାଥସ୍ଥିତ ଆଇଓସିଏଲ ଗେଷ୍ଟ ହାଉସ ପ୍ରାଙ୍ଗଣରେ ପାଇକମାଲ ବ୍ଲକସ୍ତରୀୟ ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ବାରିକ ସମାଜ ଭାଇ, ଭଉଣୀ ତଥା କର୍ମକର୍ତ୍ତା ବୃନ୍ଦ ଯୋଗଦେଇଥିଲେ। ଭେଟ୍‌ଘାଟ୍‌ରେ ଗୋଲକ ବାରିକ ସଭାପତିତ୍ୱ କରିଥିଲେ। ଏଥିରେ ବାରିକ ସମାଜର କଲ୍ୟାଣ ମଣ୍ଡପ ପାଇଁ ଭୂମି ପୂଜନ ଏବଂ ବୟୋଜେଷ୍ଠମାନଙ୍କ ଗୋଡ ଧୁଆ କାର୍ଯ୍ୟକ୍ରମ କରାଯାଇଥିଲା। ଝସକେତନ ବାରିକ ଧନ୍ୟବାଦ ଅର୍ପଣକରିଥିଲେ।



## ସଂକ୍ଷେପରେ

### ଗାନ୍ଧୀ ଜୟନ୍ତୀରେ ତହସିଲ କର୍ମଚାରୀଙ୍କ ସଫେଇ କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି ୨।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ରାମପୁର ତହସିଲରେ ଗାନ୍ଧୀ ଜୟନ୍ତୀ ଅବସରରେ ରାସ୍ତା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଗାନ୍ଧିଜୀଙ୍କ ଜୀବନୀ କାହାଣୀ ଉପରେ ଆଲୋକପାତ କରାଯାଇଥିଲା। ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତହସିଲ ଓ କୋର୍ଟ ଚାରିପାଖରେ ଥିବା ଅଳିଆ ଆବର୍ଜନା ସଫା କରିଥିଲେ।

### ରାବଣ ଦରବାରରେ ମନ୍ତ୍ରୀ, ବିଧାୟକ

ବିନିକା, ୨।୧୦(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ବିନିକା ଦୁର୍ଗାଙ୍କ ପୂଜା ପାଇଁ ଉତ୍ସବ ମୁଖର ହୋଇଉଠିଛି । ୫୧ବର୍ଷରେ ପଦାର୍ପଣ କରିଥିବା ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା ଉପଲକ୍ଷେ ଅନୁଷ୍ଠିତ ରାବଣ ଦରବାରରେ ଦର୍ଶକଙ୍କୁ ଆମୋଦିତ କରୁଛି। ଏହି ଅବସରରେ ମହାରାଜ ରାବଣଙ୍କ ଆଦେଶକ୍ରମେ ହସ୍ତତନ୍ତ୍ର ବୟନ ଶିଳ୍ପ ମନ୍ତ୍ରୀ ରିତା ସାହୁ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଏନଏସି ନଗରପାଳ ସୁବାସ ଚନ୍ଦ୍ର ଭୋଇ, କମିଟି ସଭାପତି ସନ୍ତୋଷ ପଣ୍ଡା, ଉପସଭାପତି ସୁଧାଂଶୁ ଦାଶ, ଯୁବ ସଂଗଠକ ଭୀମସେନ ସାହୁ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶା ନାଟକ ଏକାଡେମୀ ସଦସ୍ୟ ତଥା ବିଶିଷ୍ଟ କଳାକାର ଶାଶତ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା । ସଭାକୁ ହିମାଂଶୁ ଭୂଷଣ ପଣ୍ଡା ସଂଯୋଜନା କରିଥିଲେ ।

### ବରପାଲିରେ ଗାନ୍ଧୀ ଜୟନ୍ତୀ

**ବରପାଲି, ୨।୧୦(ଡି.ଏନ.ଏ.):** ବରଗଡ ଜିଲା ବରପାଲି ପ୍ରଶାସନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ରୀତା ସାହୁ ଯୋଗଦେଇଥିଲେ। ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ତହସିଲଦାର ଅକ୍ଷୟ କୁମାର ବାଗ, ବ୍ଲକ ଅଧକ୍ଷା ରୀନା ଥଇତ, ନଗରପାଳ ଦିନେଶ ଗହୀର, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ ସମ୍ମାନୀତ ଅତିଥି ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତାଭାବେ ଅଧାପକ ଡ ଶୁକମୁନି ମେହେର ଯୋଗଦେଇ ଗାନ୍ଧିଜୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅଧାପକ ଯତୀନ୍ଦ୍ର କୁମାର ସାହୁ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରପାଲି ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସର ରେ ଆଜି ସକାଳେ ଗାନ୍ଧୀ ଛକ ଠାରେ ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟାର୍ପଣ ପରେ ବ୍ଲକ ପରିସରରେ ଚାରାରୋପଣ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

# ଗାନ୍ଧୀ, ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

## ସୁବର୍ଣ୍ଣପୁରରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**ସୋନପୁର,୨।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଦର ମହକୁମା ଗାନ୍ଧୀ ଷ୍ଟାଡିୟମଠାରେ ଜିଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପଣ୍ଡା ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନୀ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ର ଓ ଯୁବ ସମାଜ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପଣ୍ଡା ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର ତହସିଲଦାର ନବୀନ କିଶୋର ପାଢୀ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ସୋନପୁର ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ ଅଶେଷ କୁମାର କର, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଗୌରିଶଙ୍କର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଗାନ୍ଧୀଜୀଙ୍କ ଆଦର୍ଶ ଏବେ ବି ସମଗ୍ର ବିଶ୍ୱ ପାଇଁ ପ୍ରଯୁଜ୍ୟ ଓ ଶାସ୍ତ୍ରୀଙ୍କ ଜୟ ଜବାନ-ଜୟ କିଷାନ ନାରା ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା ବୋଲି ଅତିଥି ବୃନ୍ଦ ମତପ୍ରକାଶ କରିଥିଲେ। ସଭା ପ୍ରାରମ୍ଭରେ ଅତିଥି ବୃନ୍ଦ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପୂଣ୍ୟ ଜନ୍ମତିଥି ଅବସରରେ ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୂନ ପ୍ରଚାର କରାଯାଇଥିଲା। ସକାଳ ସାଢେ ୭ଟାରେ ଗାନ୍ଧୀ ଷ୍ଟାଡିୟମରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଲକ୍ଷ୍ମୀନାରାୟଣ ପୂଜାରୀ ପବିତ୍ର ଗୀତା ଆବୃତ୍ତି କରିଥିବା ବେଳେ ପାଷ୍ଟର ପ୍ରଭାତ କୁମାର ଡିଗାଲ ପବିତ୍ର ବାଇବେଲ, ଜନାବ ମହମ୍ମଦ ରଫିକ ପବିତ୍ର କୋରାନ ପଢିଥିଲେ। ଶିକ୍ଷକ ପୁଷ୍ପକ ରାୟ, ଅନୁବ୍ରତା ରାୟ ଓ ଛାତ୍ରୀ ପ୍ରିତିଦିପ୍ତ ରାୟ ଗାନ୍ଧିଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ ତେନେ କହିଏ ଓ ରଘୁପତି ରାଘବ ରାଜାରାମ ପରିବେଷଣ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରା ଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ। ଏଥିରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ, ସ୍ୱଚ୍ଛଭାରତ ସଂଗଠନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ଦ୍ୱାରା ବନବିଭାଗ ସହାୟତାରେ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ ପରେ ଉପସ୍ଥିତ ଅତିଥି ବୃନ୍ଦ।

## ଡକାୟତି ଯୋଜନା ପଣ୍ଡ, ୫ ଗିରଫ

**ଅତାବିରା/ସରଣ୍ଡା,୨।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଗୋଡ଼ଭଗା ନିକଟରେ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ଜିଲା ଭେଡ଼େନ ଥାନା ସାଲନା ଗ୍ରାମର ସୁନିଲ କୁମାର ଶର୍ମା(୨୩), ଦେଶଭଟଲିଗ୍ରାମରଦୀପେନସେଠ(୨୪), ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଶାଲା କଦମପଡ଼ାର ରାଜୀବ ଦୀପ(୨୯), ଅଇଁଠାପାଲି ଥାନା ରେମେଡ଼ର ସୁଶାନ୍ତ ପ୍ରଧାନ(୪୫) ଏବଂ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ସମଲେଇବୁଆଁର ସୌରଭ ଓରଫ ସ୍ୱରୂପ କୁମାର ପାଣ୍ଡେ(୨୩)। ସେମାନଙ୍କ ବିରୋଧରେ ଅତାବିରା ଥାନା ପୋଲିସ ଦଫା ୩୯୯, ୪୦୨କ୍ରମେ ଏକ ମାମଲା(୩୩୬/୨୨) ରୁଜୁ କରିଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି। ଶୁକ୍ରବାର ବିଳମ୍ବିତ ରାତିରେ ଗିରଫ ଅଭିଯୁକ୍ତମାନେ ଗୋଡ଼ଭଗା ନିକଟରେ ଡକାୟତି ଯୋଜନା କରୁଥିଲେ। ଏ ନେଇ ପୋଲିସକୁ ସୂଚନା ମିଳିବା ପରେ ବରଗଡ଼ ଏସପି ସ୍ମିଥ୍ ପି. ପରମାର୍‌ଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ପାଖରୁ ବିଭିନ୍ନ ମାରଣାସ୍ତ୍ର ସହିତ ୩ଟି ବାଇକ୍, ନଗଦ ୧୬୩୦ ଟଙ୍କା, ୬ଟି ମୋବାଇଲ, ଲଙ୍କାଗୁଣ୍ଡ ଆଦି ଜବତ ହୋଇଥିବା ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତ ସୌରଭ, ଦୀପେନ, ସୁଶାନ୍ତ ଏବଂ ରାଜୀବଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଅନ୍ୟ ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# କର୍ଡ୍ଡଙ୍ଗରେ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ


ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମରେ କଳାକାର ମାନେ ସାମିଲ ହୋଇଛନ୍ତି।

**ସୋନପୁର,୨।୧୦(ନି. ପ୍ର )**

ସୁବର୍ଣ୍ଣପୁର ଜିଲା ପ୍ରଶାସନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗାନ୍ଧୀ ଜୟନ୍ତୀ ଅବସରରେ ଲୋକ କଳା ଗ୍ରାମ କର୍ଡ୍ଡଙ୍ଗଠାରେ ଦେଶାତ୍ମବୋଧକ ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକର କଳାକାର ସଂଘ କାର୍ଯ୍ୟକ୍ରମରେ ଯୋଗଦେଇ ଏକକ ଓ ଦଳଗତ ଦେଶାତ୍ମବୋଧକ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ସ୍ଥାନୀୟ ସଂକୀର୍ତ୍ତନ ଦଳ ଗ୍ରାମ ପରିଭ୍ରମଣ କରି ରଘୁପତି ରାଘବ ରାଜା ରାମ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସଭାରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଭ୍ୟ ଶାଶ୍ୱତ କୁମାର ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ଓ ନାଏବ ସରପଞ୍ଚ ଅତିଥିଭାବେ ଯୋଗ ଦେଇଥିଲେ।

## ଗାନ୍ଧିଜୀଙ୍କ ନୀତିର ପ୍ରାସଙ୍ଗିକତା ଆଜି ବି ରହିଛି

**ପଦ୍ମପୁର ୨।୧୦(ଡି.ଏନ.ଏ.)**

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବରଗଡ଼ ଜିଲା ପଦ୍ମପୁର ସହରରେ ସକାଳୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୂନ ପରିବେଷଣ କରାଯାଇଥିଲା। ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ମାଲ୍ୟାର୍ପଣ ପରେ ସର୍ବଧର୍ମ ପ୍ରାର୍ଥନା ସଭା ହୋଇଥିଲା। ସେହି କାର୍ଯ୍ୟକ୍ରମରେ ତହସିଲଦାର ସଞ୍ଜନ ସେଟ, ବିଡିଓ ବିଶ୍ୱନାଥ ସାହୁ,ସହକାରୀ ଜିଲାପାଳ ଦୀପ୍ତିମୟୀ ଭୁଏ, ବ୍ଲକ ଅଧକ୍ଷ ରଞ୍ଜିତ ସିଂ ବରିହା, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାର, ଅବସରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବ୍ଲକ କଳାକାର ସଂଘ ଉପସଭାପତି ଅଶ୍ୱିନୀ ପଟେଲ ଯୋଗ ଦେଇଥିଲେ।

ସନ୍ଧ୍ୟାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଡିଓ ସାହୁ, ମୁଖ୍ୟବକ୍ତାଭାବେ ଅବସର ପ୍ରାପ୍ତ ପ୍ରାଧାପକ ପ୍ରମୋଦ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଯୋଗଦାନ କରିଥିଲେ। ପ୍ରକୃତି ବନ୍ଧୁ ମୀନକେତନ ସାହୁ ଯୋଗ ଦେଇ ଗାନ୍ଧୀଜୀଙ୍କ ଅହିଂସା ନୀତି, ଆଦର୍ଶର ଆଲୋକପାତ କରିଥିଲେ। ସଭା ଶେଷରେ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# ଜନସେବା ବିଜେଡି ପାଇଁ ଗୁରୁତ୍ୱପୂର୍ଣ୍ଣ

**ଅମରପାଲି,୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ଗାନ୍ଧୀ ଜୟନ୍ତୀଠାରୁ ବିଜୁ ଜନତା ଦଳ ପକ୍ଷରୁ ପଦଯାତ୍ରା ଆରମ୍ଭ ହୋଇଛି। ଜଟେସିଙ୍ଘା ପଞ୍ଚାୟତ ସଦର ଗ୍ରାମରୁ ବଡଖମାର, ଡୁମୁରି, ଗୋଧନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିପା। ବିଧାୟକ ପଦ୍ମନାଭ ବେହେରା ଉକ୍ତ ପଦଯାତ୍ରାରେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଜନସେବା ବିଜେଡି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ଜିଲା ପରିଷଦ ଉପାଧକ୍ଷ ଝସକେତନ ବଘାର, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ଜୀବନ ବିନ୍ଦୁ ଜିଲା ସଂଯୋଜକ ରଞ୍ଜିତ ରଥ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସ୍ୱୟମ୍ଭୁନାଥ ଖଣ୍ଡଗିରି, କିଶୋର ହୋତା, ବିହାରୀଲାଲ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ପ୍ରଦୀପ ମିଶ୍ର, ରାଜ୍ୟ ବିଜେଡି ଛାତ୍ର ସମ୍ପାଦକ ଅମୀୟ ଦାଶ, ଜଟେସିଙ୍ଘା ସରପଞ୍ଚ ସୁନିତା ପଧାନ, ବିନୋବା ପଧାନ, ହିଲୁଙ୍ଗ ସମିତି ସଭ୍ୟ ଶୈଳ ରଞ୍ଜନ ବାଦୀ, ଲକ୍ଷ୍ମୀ ନାରାୟଣ ପୁରୋହିତ,ପିତାମହୁଲ ସମିତି ସଭ୍ୟ ସଇନ୍ଦୁ ସାହୁ, ସଂଗ୍ରାମପୁର ସମିତିସଭ୍ୟ ସପ୍ନ କର୍ମୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବଡଖମାରଠାରେ ଏକ ଗୋଷ୍ଠୀ ସାଧନ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା। ସେହିପରି ସ୍ୱେଚ୍ଛାସେବୀ ସଂଗଠନ ଲାଲ ବାହାଦୁର ସଂଘ ଆୟୋଜିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ ବିଧାୟକ ବେହେରା।


ବିଜେଡିର ପଦଯାତ୍ରାରେ ବିଧାୟକଙ୍କ ସହିତ ବିଜେଡି କର୍ମକର୍ତ୍ତା।

# ଲେହେଡିରେ ମାହେଶ୍ୱରୀଙ୍କର ସ୍ନାନଯାତ୍ରା

**ସୋନପୁର,୨।୧୦(ନି. ପ୍ର.)**

ସବୁଠି ଚାଲିଛି ଶକ୍ତି ଆରାଧନା। ଧୂପ,ଦୀପ କର୍ପୁର, ଭାସ୍କର, ନୈବେଦ୍ୟ ଆଦିର ସୁଗନ୍ଧରେ ଉଛୁଳି ପଡୁଛି ପରିବେଶ। ଚାଲିଛି ଦେବୀ ଦୁର୍ଗାଙ୍କ ଆରାଧନା। ତାରି ଭିତରେ ସୁବର୍ଣ୍ଣପୁର ଜିଲା ଲେହେଡିରେ ଦେବୀ ଦୁର୍ଗାଙ୍କ ଭିନ୍ନ ଏକ ରୂପ ମା' ମାହେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା ଆରାଧନା ଚାଲିଛି। ଉଲୁଣ୍ଡା ବ୍ଲକ ଲେହେଡି ଗ୍ରାମର ଅନନ୍ୟ ଶକ୍ତିପୀଠ ମାହେଶ୍ୱରୀଙ୍କର ଷୋଳପୂଜାରେ ଭକ୍ତଙ୍କ ଭିଡ଼ ଲାଗିଛି। ତେବେ ଆଶ୍ୱିନ ମାସରେ ମୂଳାଷ୍ଟମୀଠାରୁ ମା'ଙ୍କ ଷୋଡଶ ଉପଚାରରେ ପୂଜା ହୋଇ ଆସୁଥିବା ବେଳେ ରବିବାର ସ୍ନାନ ଯାତ୍ରା ଆୟୋଜିତ ହୋଇଥିଲା। ପୁଅ ଜୁଇନ୍ତିଆରୁ ଆରମ୍ଭ କରି ଭାଇ ଜୁଇନ୍ତିଆ ଯାଏ ମା ମାହେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା ଆରାଧନା କରାଯାଏ। ଶୁକ୍ଳ ଅଷ୍ଟମୀ ତିଥିରେ ଦେବୀଙ୍କ ଛତ୍ର ଓ ଆଲଟ ଏକ ଶୋଭାଯାତ୍ରାରେ ମହାନଦୀକୁ ସ୍ନାନ ଯାତ୍ରାରେ ଯାଇଥାନ୍ତି। ଏହି ଶୋଭାଯାତ୍ରାରେ ପଶ୍ଚିମ ଓଡିଶାର ଲୋକବାଦ୍ୟ, ଲୋକ ସଙ୍ଗୀତ ତଥା ସାମରିକ କଳାରେ ଭରପୁର ବାଡ଼ି ଖେଳ ବି ଦେଖିବାକୁ ମିଳିଥାଏ। ପରମ୍ପରା ଅନୁଯାୟୀ ମା ମାହେଶ୍ୱରୀଙ୍କ ପାଖରେ ନାବାନ୍ନ ସମର୍ପଣ କରିବାର ପରମ୍ପରା ବି ଚାଲି ଆସିଛି । ଦେବୀଙ୍କ ସ୍ନାନ ଯାତ୍ରା ପରେ ଷୋଡଶ ଉପଚାର ପୂଜାବିଧିର ପୂର୍ଣାହୁତି ହେଉଥିବା ବେଳେ ଭଉଣୀମାନେ ଦେବୀ ଦୁର୍ଗାଙ୍କ ପାଖରେ ଭାଇ ଜୁଇନ୍ତିଆ ପର୍ବ ପାଳନ କରିବାର ବିଧି ରହିଛି। ଭଉଣୀ ମାନେ ନିର୍ଜଳା ଉପବାସ କରି ଭାଇ ମାନଙ୍କ ମଙ୍ଗଳ ପାଇଁ ଏହି ଓଷା କରିଥାନ୍ତି। ରବିବାର ମାହେଶ୍ୱରୀ ପୀଠରେ ରୀତିନୀତି ଅନୁଯାୟୀ ସ୍ନାନ ପର୍ବ ପାଳନ କରାଯାଇଥିଲା ।

# ବରଗଡ଼ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବରଗଡ଼ ଅଫିସ୍,୨।୧୦**

ବରଗଡ଼ ବିଜେଡ଼ି ପକ୍ଷରୁ ପଦଯାତ୍ରା ଆରମ୍ଭ ହୋଇଛି। ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରୁ ଏହି ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ମହାତ୍ମା ଗାନ୍ଧୀ ଏବଂ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପଦଯାତ୍ରାରେ ବିଜେଡ଼ି ରାଜ୍ୟ ଉପସଭାପତି ତଥା ପୂର୍ବତନ ରାଜ୍ୟ ସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଦୀର୍ଘ ୧ମାସ ଧରି ହେବାକୁ ଥିବା ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ପୂର୍ବତନ ବିଧାୟକ ସାଧୁ ନେପାକ, ଦଳର ବରିଷ୍ଠ ନେତା ଅଚ୍ୟୁତାନନ୍ଦ ମହାପାତ୍ର, ବ୍ଲକ ସଭାପତି ପ୍ରଫୁଲ୍ଲ ନାଏକ, ଟାଉନ ବିଜେଡ଼ି ସଭାପତ କିଶୋର ମିଶ୍ର, ପୌର ପରିଷଦ ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବିମଳ ଦେବତା, ଅଶୋକ ଯୋଶୀ, କାଉନସିଲର ଉମାଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ଶତାଧିକ ଦଳୀୟ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ।

# ଖାରିରେ ବିଜେଡିର ପଦଯାତ୍ରା

**ସୋନପୁର,୨।୧୦(ନି. ପ୍ର.)**

ସୋନପୁର ବ୍ଲକ ଖାରିଠାରେ ବିଜେଡ଼ିର ପଦଯାତ୍ରା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନାୟକ, ଜିଲା ପରିଷଦ ସଦସ୍ୟ ମଧୁସୂଦନ ଓତା, ବରିଷ୍ଠ ନେତା କରମଚାନ୍ଦ ମହାନ୍ତି, ଯୁବ ବିଜେଡ଼ି ସଭାପତି ଅଶୋକ ନନ୍ଦ, ବ୍ଲକ ସଭାପତି ପ୍ରାଣବନ୍ଧୁ ସାହୁ, ଛାତ୍ର ବିଜେଡି ଜିଲା ସଭାପତି ଶ୍ରାସତ ମିଶ୍ର, ପୂର୍ବତନ ସରପଞ୍ଚ ସଞ୍ଜୀବ ମିଶ୍ର, ଆନନ୍ଦ ଶତପଥୀ, ଖାରି ସରପଞ୍ଚ ମମତା ନାଗ, ରାଜେନ୍ଦ୍ର ମିଶ୍ର, କଇଁରୁ ସ୍ୱାଇଁ, ମଧୁସୂଦନ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ମାନଭଞ୍ଜନ ମିଶ୍ରଙ୍କ ସଂଯୋଜନା ଓ ବିଜେଡି ଜିଲା ସଭାପତି ସରୋଜ କର୍ମଙ୍କ ଅଧକ୍ଷତାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଖାରି ପାକ୍ସ ସଭାପତି ପ୍ରଭୁଦତ୍ତ ମିଶ୍ର, ହରଡ଼ଖୋଲ ପଞ୍ଚାୟତ ସମିତି ସଭ୍ୟ ମୋନରାଜ କର୍ମୀ, ଶଶୀଭୂଷଣ ହୋତା, ଭାଜପା କର୍ମୀ ଯଯାତି କେଶରୀ ମିଶ୍ର, ସନ୍ତୋଷ ତାଣ୍ଡି, ରୁଦ୍ର ନାରାୟଣ ମିଶ୍ର, କଂଗ୍ରେସ ଯୁବନେତା କେଦାର ପୋଢ଼, ଲକ୍ଷ୍ମୀକାନ୍ତ ମିଶ୍ର, ଖାରି ପାକ୍ସ ସଦସ୍ୟ ପ୍ରହ୍ଲାଦ ନନ୍ଦ, ବିଜୟ ମିଶ୍ର, ଦୁର୍ଯ୍ୟୋଧନ ସାହୁ, ବଲ୍ଲୀଚନ ମଲ୍ଲିକ, ପଦ୍ମନାଭ ଦୀପ ବିଜେଡିରେ ମିଶିଥିଲେ।

### ପାକ୍ସ ସଭାପତି, ସମତି ସଭ୍ୟ ବିଜେଡିରେ ସାମିଲ ହେଲେ


ଖାରୀରେ ଅନୁଷ୍ଠିତ ବିଜେଡି ପଦଯାତ୍ରାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରି ଓ ଅନ୍ୟମାନେ।

# ଗାନ୍ଧିଜୀ ଥିଲେ ଚେତନାର ପ୍ରତୀକ

**ବରଗଡ଼ ଅଫିସ୍,୨।୧୦**

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ରବିବାର ବରଗଡ଼ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ଜିଲାପାଳ ମୋନିଷା ବାନାର୍ଜୀ, ଅତିରିକ୍ତ ଜିଲାପାଳ ନବୀନ ପଟେଲ ପ୍ରମୁଖ ଗାନ୍ଧିଛକସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ପରିସରରେ ହୋଇଥିବା ସର୍ବଧର୍ମ ପ୍ରାର୍ଥନା ସଭାରେ ଯୋଗଦାନ ସହିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ସନ୍ଧ୍ୟା ୬ଟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ସଭାରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲାପାଳ ବାନାର୍ଜୀ, ଅଧ୍ୟାପକ ଡଃ ପ୍ରଦୀପ ହୋତା ପ୍ରମୁଖ ମଞ୍ଚାସୀନ ଥିଲେ। ଗାନ୍ଧିଜୀଙ୍କ ସତ୍ୟ, ଅହିଂସା ମାର୍ଗ ଏବେ ମଧ୍ୟ ଜୀବନରେ ପ୍ରାସଙ୍ଗିକତା ରହିଛି ଏବଂ ଏହାକୁ ମାନି ଚଳିଲେ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ଏମ୍‌ପି ପୂଜାରୀ ନିଜ ବକ୍ତବ୍ୟରେ କହିଥିଲେ। ବିଧାୟକ ଆଚାର୍ଯ୍ୟ ଗାନ୍ଧିଜୀଙ୍କ ଅହିଂସା ମାର୍ଗ ଏବଂ ଭାରତର କଷ୍ଟଲବ୍ଧ ସ୍ୱାଧୀନତା ଉପରେ ଆଲୋକପାତ କରିଥିଲେ। ଗାନ୍ଧୀ ଭଗବାନ ନଥିଲେ, ସେ ଏକ ଚେତନାର ପ୍ରତୀକ ଥିଲେ ବୋଲି ଅଧ୍ୟାପକ ହୋତା ନିଜ ବକ୍ତବ୍ୟରେ କହିଥିଲେ ।

ସମସ୍ତ ଅତିଥି ରାଷ୍ଟ୍ରପିତା ଗାନ୍ଧିଜୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୀବନୀ ଆଗାମୀ ପିଢ଼ି ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗାନ୍ଧି ପ୍ରତିମୂର୍ତ୍ତି ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ସଭା ପରେ ଜିଲା ସଂସ୍କୃତି କାର୍ଯ୍ୟାଳୟ ତରଫରୁ ପ୍ରମୋଦ ଦାଶ ଏବଂ ସାଥୀ ଗାନ୍ଧି ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଡିଓ ଯୁଧିଷ୍ଠିର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

### ଆମପାଣି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତରେ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆଙ୍କ ସଭାପତିତ୍ୱରେ ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ, ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବାଣୁଆ, ମହିଳା ସାମାଜିକ କର୍ମୀ ତିଲୋତ୍ତମା ନାଏକଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ, ପଞ୍ଚାୟତ ପିଇଓ, ଜିଆରଏସ, ଯୋଗାଣ ସହାୟକ ଉପସ୍ଥିତ ରହିଥିଲେ। ଗ୍ରାମସଭାରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଜବକାର୍ଡ ହିତାଧିକାରୀ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଶିବମନ୍ଦିର ପରିସରରୁ ଶାଗୁଆନ୍ ଗଛକଟାକୁ ନେଇ ଅସନ୍ତୋଷ

ଦେଓଗାଁ,୨।୧୦(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ତଥା ସଇଁତଲା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ସିକୁଆଁ ଶିବ ମନ୍ଦିର ପରିସରରେ ଥିବା ଦୁଇଟି ବଡ ଶାଗୁଆନ ଗଛକୁ ଅଧା କାଟି କେହି ଛାଡି ଦେଇଛି। ଏଡାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କେତେକ ମୁଷ୍ଟିମେୟ ବ୍ୟକ୍ତି ଗ୍ରାମବାସୀଙ୍କ ଅଜାଣତରେ ଗଛ କାଟିବା ଉଦ୍ୟମ କରୁଥିଲେ। ଶନିବାର ଖବର ପାଇ ସ୍ଥାନୀୟ ଫରେଷ୍ଟ ଗାର୍ଡ ଘଟଣାସ୍ଥଳକୁ ଯାଇ ଗଛକଟା ବନ୍ଦ କରିଥିଲେ। ଏହା ପରେ ଦୁଇ ଗଛକୁ ଅଧା କଟାରୁ ଛାଡି ଦେଇ ଛାଡି ସେମାନେ ଚାଲିଯାଇଥିଲେ। ଏ ବିଷୟରେ ଅବଗତ ହୋଇ ଡିଏଫଓ ନୀତିଶ କୁମାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସଇଁତଲା ରେଞ୍ଜର ସଂଘମିତ୍ରା ଭୋଇଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

### ଦଶହରାରେ ସମଲେଶ୍ୱରୀ ପୀଠ ଚଳଚଞ୍ଚଳ



ଲୋଇସିଂହା,୨।୧୦(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ। ବସ୍ତି ଡେଲି ମାର୍କେଟରେ ମା'ଙ୍କ ପୀଠ ରହିଛି। ଶାରଦୀୟ ଦୁର୍ଗାପୂଜା ଅବସରରେ ପୀଠ ଷୋଡଶ ଉପଚାରରେ ପୂଜା ଅନୁଷ୍ଠିତ ହେଉଛି। ରବିବାର କାଳରାତ୍ରୀ ବେଶରେ ମା' ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପୀଠରେ ଚଣ୍ଡିପାଠ ଓ ହୋମ ଯଜ୍ଞ ଅନୁଷ୍ଠିତ ହେଉଛି। ଏଠାରେ ରଞ୍ଜନ ପଧାନ ଓ ଭକ୍ତ ପଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା ପାଇଁ ପୀଠ ଚଳଚଞ୍ଚଳ ହୋଇପଡିଛି। ଲୋଇସିଂହା ଜମିଦାର ସ୍ୱର୍ଗତ ଚନ୍ଦ୍ରଭାନୁ ସିଂ ରାଏଙ୍କ ଦ୍ୱାରା ଏହି ମନ୍ଦିର ପ୍ରତିଷ୍ଠା ଲାଭ କରିଥିଲା। ୧୯୮୦ ଦଶକରେ ଗ୍ରାମର ମହମ୍ମଦ ଅଜିମ ଖାନ ଏବଂ ପାଣ୍ଡବ ମେହେର ନେତୃତ୍ୱରେ ଦଶହରା ସମୟରେ ୧୫ ଦିନ ଧରି ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲଶ। ଏବେ ଏହି ପରମ୍ପରା ବଜାୟ ରହିଛି। ସମଲାଇ ପୂଜାରେ କେତେକ ମୁସଲିମ ପରିବାର ଜଡିତ ରହିଛନ୍ତି। ଏଠାରେ ଭାଇଚାରର ନିଦର୍ଶନ ଦେଖିବାକୁ ମିଳେ ବୋଲି ଦିଲୀପ କୁମାର ବେହେରା କହିଛନ୍ତି।

### ବ୍ଲକ କାର୍ଯ୍ୟାଳୟ ପରିସର ସଫେଇ

ଗୁଡ଼ଭେଲା,୨।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଗାନ୍ଧୀ ଜୟନ୍ତୀ ପାଳିତ ହେବା ହୋଇଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହା ପରେ ବ୍ଲକ ପରିସର ସଫେଇ କରାଯାଇଥିଲା। ଏବିଡିଓ ପ୍ରଶାନ୍ତ ଷଡଙ୍ଗୀ, ଜିପିଓ ସାଗର ସାହୁ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ନୂଆଁପଡା ଗ୍ରାମ ଖେଳ ପଡିଆରେ ପଶ୍ଚିମ ଓଡିଶା ସେବା ସଂଘ ପକ୍ଷରୁ ଅନୁଷ୍ଠିତ ଗାନ୍ଧୀ ଜୟନ୍ତୀ ସଭାରେ ସଂଘ ଅଧକ୍ଷ ରାଜେଶ ବଗର୍ତ୍ତା, ପଞ୍ଚାନନ ନାଏକ, ପିଣ୍ଟୁ ଭୋଇ, ରୂପାଧର ରଣା, ଅଜିତ ରଣା, ଲୋଚନ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଲିସ ତରଫରୁ ମେଗା ରକ୍ତଦାନ ଶିବିର

ଖପ୍ରାଖୋଲ,୨।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପରିସରରେ ପୋଲିସ ତରଫରୁ ମେଗା ରକ୍ତଦାନ ଶିବିର ରବିବାର ହୋଇଥିଲା। ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଏସ୍‌ପି ନୀତିନ କୁଶଲକର, ଖପ୍ରାଖୋଲ ବିଡ଼ିଓ ରଶ୍ମି ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୧୨ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ଶିବିରର ନେତୃତ୍ୱ ନେଇଥିଲେ। ଲାଠୋର ଥାନା ଆଇଆଇସି ଝସକେତନ ଭୋଇ, ତୁରେକେଲା ଥାନା ଆଇଆଇସି ଧର୍ମେନ୍ଦ୍ର କୁମାର ଶାନ୍ତି, ବିଙ୍ଗ ହ୍ୟୁମାନ ସଂଗଠନ ସଭାପତି ସୋମନାଥ ମିଶ୍ର, ସରପଞ୍ଚ ଦେବରାଜ ପ୍ରଧାନ, ରୀନା ଜାଲ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଜିଲା ପୋଲିସ ତରଫରୁ ରକ୍ତଦାତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।

# ୧୪ ବର୍ଷରେ ତୁଳସୀନଗରପଡ଼ା ଦୁର୍ଗାପୂଜା



ତୁଳସୀନଗରପଡା ଦୁର୍ଗାମଣ୍ଡପରେ ପୂଜାର୍ଚ୍ଚନା ଚାଲିଛି।

ବଲାଙ୍ଗୀର ଅଫିସ, ୨।୧୦

ବଲାଙ୍ଗୀର ତୁଳସୀନଗରପଡା ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୧୪ ବର୍ଷରେ ପଦାର୍ପଣ କରିଛି । ତୁଳସୀନଗର ଦୁର୍ଗାପୂଜା କମିଟି ପକ୍ଷରୁ ତିନିଦିନାତ୍ମକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଶନିବାର କମିଟି ପକ୍ଷରୁ କଳସ ଶୋଭାଯାତ୍ରା କରାଯାଇଥିଲା। କମିଟି ପକ୍ଷରୁ ନାରାୟଣ ମିଶ୍ର ଓ ତାଙ୍କ ସ୍ତ୍ରୀ ସରିତା ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। କଲିକତାରୁ ଆସିଥିବା ମୂର୍ତ୍ତି କାରୀଗର ରତନ ପାଲ ମୃଣ୍ମୟୀ ମୂର୍ତ୍ତି ତିଆରି କରିଛନ୍ତି। ଆକର୍ଷଣୀୟ ପରଭା ଓ ମେଢ଼ ତିଆରି କରିଛନ୍ତି ପୁଇଁତଲା ବ୍ଲକର ଅଶ୍ୱିନୀ ଖଣ୍ଡାୟତ ଓ ସହଯୋଗୀ। ପ୍ରତିଦିନ ସନ୍ଧ୍ୟା ଆଳତୀ ଆକର୍ଷଣୀୟ ହେଉଛି। ସୁଦପଡାର ଘଣ୍ଟବାଦ୍ୟ ପରିବେଷଣ କରୁଛନ୍ତି। ଚଳିତବର୍ଷ ଦୁର୍ଗାପୂଜା ପାଇଁ ୫ ଲକ୍ଷ ଟଙ୍କାର ବଜେଟ କରାଯାଇଛି। ଆକର୍ଷଣୀୟ ମେଢ଼ ଓ ସାଜସଜ୍ଜା ପାଇଁ ସୋନପୁରର ପ୍ରଦୀପ ଲାଇଟ୍ ପକ୍ଷରୁ ଆଲୋକ ସାଜସଜ୍ଜା କରାଯାଉଛି। ଦୁର୍ଗା ପୂଜା କମିଟି ସଭାପତି କିଶୋର ରଥ, ଉପସଭାପତି ଚକ୍ରପାଣି ରଣା ଓ ଆଡଭୋକେଟ୍ ନିଳାଦ୍ରୀ ବିହାରୀ ସିଂ, ସମ୍ପାଦକ ସୁନୀଲ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଗୋବିନ୍ଦ ବହିଦାର ଓ ଆଲୋକ ପାଣିଗ୍ରାହୀ, କୋଷାଧକ୍ଷ ନାରାୟଣ ମିଶ୍ର ଓ ଅଜୁ ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି। ନୂତନ ପୂଜା ମଣ୍ଡପ ଅନ୍ୟତମ ଆକର୍ଷଣ ହୋଇଛି।

### କର୍ମକର୍ତ୍ତା ଯାହା କହନ୍ତି



ତୁଳସୀନଗର ଦୁର୍ଗାପୂଜା କମିଟି ଭାଇଚାର ଓ ପାରସ୍ପରିକ ଏକତାକୁ ପ୍ରାଧାନ୍ୟ ଦେଇଆସିଛି। ବିଶ୍ୱ କଲ୍ୟାଣ ପାଇଁ ଆମେ ସବୁବେଳେ ମା'ଙ୍କ ପ୍ରାର୍ଥନା କରିଆସୁଛୁ। କୋଭିଡ ପରେ ଦୁର୍ଗାପୂଜା ପାଳନ କରାଯାଉଥିବାରୁ ପୂଜା କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି।

**କିଶୋର କୁମାର ରଥ, ସଭାପତି, ଦୁର୍ଗାପୂଜା କମିଟି।**



ଚଳିତବର୍ଷ ଦୁର୍ଗାପୂଜା ପାଇଁ ଆକର୍ଷଣୀୟ ପରଭା, ମେଢ଼ ଓ ମୃଣ୍ମୟୀ ମୂର୍ତ୍ତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ନୂତନ ଭାବେ ଅତ୍ୟାଧୁନିକ ଆଲୋକସଜ୍ଜା କରାଯାଇଛି। ମହାମାରୀ ଯୋଗୁଁ କମ୍ ଖର୍ଚ୍ଚରେ କିଭଳି ଆକର୍ଷଣୀୟ ପୂଜା ଓ ଉତ୍ସବାଦି ହୋଇପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି।

**ସୁନୀଲ କୁମାର ମହାନ୍ତି, ସମ୍ପାଦକ, ଦୁର୍ଗାପୂଜା କମିଟି।**

# ମା' ସମଲେଶ୍ୱରୀଙ୍କ ନଗର ଭ୍ରମଣ



ବରୁଆ ଦେହରେ ଆବିର୍ଭାବ ହୋଇ ମା' ନଗର ପରିକ୍ରମା କରୁଛନ୍ତି।

ଗୁଡ଼ଭେଲା, ୨।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ସହର ସ୍ଥିତ ଅଧୀଷ୍ଠାତ୍ରୀ ଦେବୀ ମା'ସମଲେଶ୍ୱରୀଙ୍କ ୬୫ତମ ଶାରଦୀୟ ପର୍ବ ସ୍ଥାନୀୟ ସମଲେଶ୍ୱରୀ ପୀଠରେ ଚାଲିଛି। ମହାଷ୍ଟମୀ ତିଥି ରବିବାର ସକାଳ ୮ଟାରେ ମା' ବରୁଆଙ୍କ ଶରୀରରେ ଆବିର୍ଭାବ ହୋଇ ନଗରବାସୀଙ୍କ ଦୁଃଖ ବୁଝିବା ପାଇଁ ନଗର ଭ୍ରମଣରେ ବାହାରିଥିଲେ। ଏହି ସମୟରେ ପ୍ରଥମେ ମା' ଜଣେ ହରିଜନ ସମ୍ପ୍ରଦାୟର ବ୍ୟକ୍ତିଙ୍କଠାରୁ ପାଇଥିଲେ। ଉକ୍ତ ବ୍ୟକ୍ତିଙ୍କ ଢୋଲରେ ଚଢି ମା' ପୁରୁଣା ବୃକ୍ଷ ପର୍ଯ୍ୟନ୍ତ ଆସିଥିଲେ। ମା' ନଗର ଭ୍ରମଣରେ ବାହାରିଲେ ତାଙ୍କ ସହ ଦେହୁରୀ, ବାଦ୍ୟ, ଘଣ୍ଟ ଆଦି ରହିଥିଲେ। ଏହି ସମୟରେ ପ୍ରତ୍ୟେକ ନିଜ ଘର ସମ୍ମୁଖକୁ ଲିପାପୋଛା କରି ମା'ଙ୍କୁ ସ୍ୱାଗତ କରିଥିଲେ। ଦିନକରେ ସହରର ସମସ୍ତ ଘରେ ପୂଜା ପାଇ ମା ସମଲେଶ୍ୱରୀ ନିଜ ପୀଠକୁ ଫେରିଥିଲେ।

# କମ୍ପ୍ୟୁଟର, ସିଲେଇ ଶିକ୍ଷା ତାଲିମ ଅଭିଯାନ



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଲୋଇସିଂହା,୨।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ କମ୍ପ୍ୟୁଟର ସିଲେଇ ଶିକ୍ଷା ତାଲିମ ଅଭିଯାନ ରବିବାର ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ବ୍ଲକ ସଭାପତି ଦଶରଥ ଛତ୍ରିଆ ଅଧ୍ୟକ୍ଷତା କରିଥିଲେ। ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହସଭା, ଜିଲା ଆଦିବସୀ କଲ୍ୟାଣ ସଂଘ ଆନୁକୂଲ୍ୟ ଏବଂ ଅସୀମା ମହାନନ୍ଦ ଚାରିଟେବୁଲ ଟ୍ରଷ୍ଟ ସହାୟତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ଭୋଇ, ବିଜୟ କୁମାର ମହାନନ୍ଦ, ସତ୍ୟନାରାୟଣ ଭୋଇ, ପ୍ରସନ୍ନ କୁମାର ମିଶ୍ର, ବନିତା ସାମଲ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ସମୟରେ କମ୍ପ୍ୟୁଟର ଶିକ୍ଷାର ଚାହିଦା ଓ ଉପାଦେୟତା, ଆତ୍ମନିର୍ଭରଶୀଳ ସକାଶେ ସିଲେଇ ଶିକ୍ଷା କିପରି ସହାୟକ ହେବ ସେ ନେଇ ମତବ୍ୟକ୍ତ କରିଥିଲେ ଅତିଥି। ବଂଶୀଧର କାଲସାଏ, ଲଳିତ ମୋହନ ପୁଟା, ମାଧବ ଭୋଇ, ଚନ୍ଦ୍ରଶେଖର କୁଅଁର, ନେପାଳ ବର୍ଗେ, ଭୁବନେଶ୍ୱର ଧରୁଆ, ଗୋପାଳ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟମ ଦଳପତି ଧନ୍ୟବାଦ ଅର୍ପଣ କରିଥିଲେ।




ବରିଷ୍ଠ ନାଗରିକ ଦିବସରେ ବଲାଙ୍ଗୀର ଟାଉନ୍ ହଲ ଠାରେ ସାଲେପାଲି ବୃଦ୍ଧାଶ୍ରମର ଅନ୍ତେବାସୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। ଏହି ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପୌରାଧକ୍ଷା ଲିକା ସାହୁ ଓ ଜିଲାପାଳ ଚଞ୍ଚଳ ରାଣା ଅତିଥି ଭାବେ ଉପସ୍ଥିତ ଥିଲେ। ■(ଫଟୋ–ସୁନୀଲ)

### ସରକାରଙ୍କ ସଫଳତାର ବାର୍ତ୍ତା ଘରେ ପହଞ୍ଚାଅ

ଟିଟିଲାଗଡ, ୨।୧୦(ଡି.ଏନ.ଏ.)

ଟିଟିଲାଗଡ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ସରକାରଙ୍କ ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ କର୍ମୀମାନେ ଚେଷ୍ଟା କରିବାକୁ ଆହ୍ୱାନ ଦିଆଯାଇଥିଲା। ପଦଯାତ୍ରା ମାଧ୍ୟମରେ ଲୋକଙ୍କ ସହ ପ୍ରତ୍ୟକ୍ଷ ଭାବରେ ଜଡିତ ହେବାକୁ ସ୍ଥିର କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା, ଉପାଧକ୍ଷା ପୁଷ୍ପମଞ୍ଜରୀ ଜାଲ, ପୂର୍ବତନ ନଗରପାଳ ଗୋବର୍ଦ୍ଧନ ନାଗ, ରମାକାନ୍ତ ପୁଟେଲ, ପ୍ରେମ ଜୈନ, ଅଞ୍ଜନା ବର୍ମା, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ଲାଲା ବର୍ମା ପ୍ରମୁଖଙ୍କ ସହ ବିଜେଡି କାଉନସିଲରମାନେ ଉପସ୍ଥିତ ଥିଲେ।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଗୋଲାମୁଣ୍ଡା,୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କାନ୍ଦୁଲଡଙ୍ଗରି ଗ୍ରାମରେ ଭାଲୁ ଆକ୍ରମଣରେ ଯୁଜେଷ୍ଟି ତେଜି (୪୭) ନାମକ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ତାଙ୍କୁ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଯେ, କାନ୍ଦୁଲଡଙ୍ଗରି ଗାଁର ଯୁଜେଷ୍ଟି ନିକଟସ୍ଥ ଜଙ୍ଗଲ ରାସ୍ତା ଦେଇ ନିଜ ବିଲକୁ ଯାଉଥିବା ବେଳେ ସାମ୍ନାରୁ ଏକ ଭାଲୁ ହାବୁଡ଼ରେ ପଡିଥିଲେ। ଭାଲୁ ଯୁଜେଷ୍ଟିଙ୍କୁ ତଳେ କଚାଡି ଦେଇଥିଲା। ଫଳରେ ସେ ଉଠି ନ ପରିବାରୁ ଯୁଜେଷ୍ଟିଙ୍କ ମୁଣ୍ଡ, ଡାହାଣ ଜଙ୍ଘରେ ଏବଂ ଦୁଇ ହାତକୁ ଆକ୍ରମଣ କରିଥିଲା।

# ଛାତ୍ର କଂଗ୍ରେସ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା

ବଲାଙ୍ଗୀର ଅଫିସ, ୨।୧୦




ବଲାଙ୍ଗୀର ଛାତ୍ର କଂଗ୍ରେସ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତା।

ଗାନ୍ଧୀ ଜୟନ୍ତୀ ଅବସରରେ ବଲାଙ୍ଗୀର ଜିଲା ଛାତ୍ର କଂଗ୍ରେସ କମିଟି ତରଫରୁ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ଆଇନ ମହାବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା, ଜିଲା ଛାତ୍ର କଂଗ୍ରେସ କମିଟି ସଭାପତି ଅଙ୍କିତ ସାହୁ ମଞ୍ଚାସୀନ ହୋଇଥିଲେ। ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ବ୍ୟାସଦେବ ନନ୍ଦ, ଶିଶିର ହୋତା ଓ ଆଶିଷ ସିଂ ଠାକୁର ଉପସ୍ଥିତ ଥିଲେ। ଜିଲା ଛାତ୍ର କଂଗ୍ରେସ କମିଟି ପ୍ରବକ୍ତା ନିତିଶ ପଧାନ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଓଡିଆ ବକ୍ତୃତାରେ ପ୍ରଥମ ସ୍ଥାନରେ ବୈମକେଶ ତ୍ରିପାଠୀ, ଦ୍ୱିତୀୟ ସ୍ଥାନରେ ସାଇ ବିନାୟକ ମିଶ୍ର ଏବଂ ତୃତୀୟ ସ୍ଥାନରେ ଆର୍ଯ୍ୟନ ରାଉତ ପୁରସ୍କୃତ ହୋଇଛନ୍ତି। ଇଂରାଜୀ ବକ୍ତୃତାରେ ପ୍ରଥମ ସ୍ଥାନରେ ଶୁଭଶ୍ରୀ ପାତ୍ର, ଦ୍ୱିତୀୟ ସ୍ଥାନରେ ଆୟୁଷୀ ନନ୍ଦ, ଏବଂ ତୃତୀୟ ସ୍ଥାନରେ ପାର୍ଥ ପ୍ରତୀମ ଖମାରୀ ରହିଥିଲେ। ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ହରିଶଙ୍କରରେ ସଫେଇ କାର୍ଯ୍ୟକ୍ରମ

ଖପ୍ରାଖୋଲ, ୨।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଗାନ୍ଧୀ ଜୟନ୍ତୀ ଅବସରରେ ବ୍ଲକ ପ୍ରଶାସନ, ନାନ୍ଦୁପଲା ପଞ୍ଚାୟତ ଓ ମନ୍ଦିର ପ୍ରଶାସନ ତରଫରୁ ରବିବାର ଝରଣା କୂଳ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଡ଼ିଓ ରଶ୍ମି ରଞ୍ଜନ ରାଉତ ଯୋଗଦେଇ ସ୍ୱଚ୍ଛତା ଉପରେ ଆଲୋକପାତ କରି ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ହରିଶଙ୍କର ପାପନାଶିନୀ ଝରଣାକୂଳ, ଏମଆଇ ଟ୍ୟାଙ୍କ, ସେଲ୍ଫି ପଏଣ୍ଟ ପାଖ ସଫେଇ କରିଥିଲେ। ନିଜେ ବିଡ଼ିଓ ସଫେଇର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାନ୍ଦୁପଲା ସରପଞ୍ଚ ନିଲେନ୍ଦ୍ରୀ ପୂଝାରୀ, ପିଇଓ କ୍ଷୀରଧର ବରିହା, ଏସିପି ରମାନନ୍ଦ ବେହେରା, ବୁଲୁ ବେହେରା, ମନ୍ଦିର ପରିଚାଳନା କମିଟି ସଦସ୍ୟ ଶଶି ପୂଝାରୀ, ଅଭୟ ତ୍ରିପାଠୀ, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅର, ଅନଙ୍ଗ ବିଶ୍ୱାଳ, ପୀତାମ୍ବର ମହାକୁଡ ସାମିଲ ହୋଇଥିଲେ।


**ମନେ ପଡ଼ନ୍ତି**

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା କମଳା କୁମାରୀ ନନ୍ଦ**

**ସ୍ୱାଃ ୰ଚକ୍ରଧର ନନ୍ଦ**

ରାଣୀପଡ଼ା, ସାଲେପୁର

ଆବିର୍ଭାବ: ସେପ୍ଟେମ୍ବର, ୧୯୩୮ (ଅନନ୍ତବ୍ରତ)

ତିରୋଧାନ: ୧୯।୧୦।୨୦୦୭ (ମହାଷ୍ଟମୀ)

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।

**ପରିବାରବର୍ଗ ।**

ଧ–୧୬୯୮


# ପୂଜା ପାଇଁ ଉତ୍ସବମୁଖର ଜୁନାଗଡ଼ ସହର

ଭବାନୀପାଟଣା,୨।୧୦(ସ୍ୱ.ପ୍ର.)



ଲଙ୍କେଶ୍ୱରୀ ଛକଠାରେ ଆୟୋଜିତ ଦୁର୍ଗାପୂଜା।

ରବିବାର ଥିଲା ମହାମାୟାଙ୍କ ମହାସପ୍ତମୀ। ସପ୍ତମ ଦିନରେ କାଳରାତ୍ରୀ ରୂପରେ ମା' ପୂଜା ପାଉଛନ୍ତି । କଳାହାଣ୍ଡି ଜିଲାର ବିଭିନ୍ନ ପୂଜାମଣ୍ଡପ ସମେତ ଶକ୍ତିପୀଠଗୁଡିକରେ ମା'ଙ୍କୁ କାଳରାତ୍ରୀ ରୂପରେ ପୂଜା କରାଯାଉଛି। ଏହି ଦିନରେ ମା' ଦୁର୍ଗାଙ୍କୁ ଦର୍ଶନ କଲେ ଶୁଭଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ତେଣୁ ମଣ୍ଡପ ତଥା ଶକ୍ତିପୀଠଗୁଡିକରେ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଏପରିସ୍ଥଳେ କଳାହାଣ୍ଡି ଜିଲାର ପୁରାତନ ରାଜଧାନୀ ଜୁନାଗଡ଼ ସହରରେ ଏଥର ମା'ଙ୍କ ପୂଜା ମହାସମାରୋହରେ ପାଳିତ ହେଉଛି। ଏଥିପାଇଁ ଜୁନାଗଡ଼ ସହର ଏବେ ଉତ୍ସବ ମୁଖର ହୋଇପଡିଛି। ଚଳିତବର୍ଷ ଜୁନାଗଡ଼ ସହରରେ ୩ଟି ସ୍ଥାନରେ ମେଢ଼ରେ ମା' ଦୁର୍ଗାଙ୍କ ପୂଜା ହେଉଛି। ଜୁନାଗଡ଼ ଲଙ୍କେଶ୍ୱରୀ ମନ୍ଦିର ଛକଠାରେ ୫ଦିନ ବ୍ୟାପି ମା'ଙ୍କ ପୂଜା ହେଉଥିବାବେଳେ ସାହୁପଡ଼ାରେ ସୁବର୍ଣ୍ଣ ଜୟନ୍ତୀ ଅବସରରେ ମା'ଙ୍କ ଦଶବତାର ପୂଜା ହେଉଛି। ସେହିପରି ସହରର ସର୍ବପୁରାତନ ମାରୱାଡି ପଡାଠାରେ ୯ଦିନ ବ୍ୟାପି ପୂଜା ହେଉଛି। ଲଙ୍କେଶ୍ୱରୀ କ୍ଲବ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୫୩ବର୍ଷରେ ପଦାର୍ପଣ କରିଛି। ଏଥର ପୂଜା କମିଟି ପକ୍ଷରୁ କୋଲକତାର ବିଧାନସଭା ଆକୃତିରେ ତୋରଣ ନିର୍ମାଣ କରାଯାଇଥିବାବେଳେ

### ଚାଲିଛି ଜଗତ ଜନନୀଙ୍କ ଆରାଧନା

ମହିଳା ଦଣ୍ଡନୃତ୍ୟ ମୁଖ୍ୟ ଆକର୍ଷଣ ହେବ ବୋଲି ଜଣାପଡିଛି। ପୂଜା କର୍ତ୍ତା ଭାବେ ଦୁର୍ଗାପ୍ରସାଦ ନାଏକ ଓ ହେମଲତା ନାଏକ ଦାୟିତ୍ୱ ତୁଲାଉଛନ୍ତି। ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ଭକ୍ତଙ୍କ ଭିଡ଼ ଲାଗୁଥିବାବେଳେ ଆଲୋକ ମାଳାରେ ସହର ଝଲସୁଛି। ଚଳିତବର୍ଷ କୋଭିଡ୍ କଟକଣା ନ ଥିବାରୁ ଜିଲା ତଥା ଜିଲା ବାହାରୁ ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି। ରାତିରେ ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ରବିବାର ସନ୍ଧ୍ୟାରେ ଅଞ୍ଚଳରେ ଝିପି ଝିପି ବର୍ଷା ହେଉଥିଲେ ମଧ୍ୟ ମା'ଙ୍କୁ ଦର୍ଶନ କରିବାକୁ ଭକ୍ତମାନେ ବେଶ ଉତ୍ସାହର ସହ ପୂଜା ମଣ୍ଡପକୁ ଆସୁଛନ୍ତି।


**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, DHENKANAL**
**No.2447 / Dt.27.09.22**
**e-Procurement Notice**
**Bid Identification No. DMID / 07/ 2022-23**
**e-mail ID: eemidkl@yahoo.co.in**

No.A-566:- The Executive Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in different Block of Dhenkanal District for the year 2022-23 under MATY and Special Repair Scheme |
| No. of works | : | 06 (Six) only |
| Estimated cost | : | Varies from 20.00 lakh to 83.04 lakh (Approximately) |
| Cost of tender paper | : | 6000/- to 10000/- (Non-refundable) |
| Period of completion | : | 06 (Six) calendar months |
| Availability of bid documents for sale and receipt through online | : | From dt.13.10.2022, 10.00 A.M. to dt.24.10.2022, upto 5.00 P.M. |
| Last date / time of receipt of bids in the portal | : | 24.10.2022 (5.00 P.M.) |
| Date of technicla bid opening through online | : | On dt.25.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of financial bid opening through online | : | On dt.29.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of transparenet lottery | : | 31.10.2022 at 11.00 A.M. |
| Mode of payment of bid cost | : | Online |
| Digital signature certificate of bidder | : | The bidder must possess compatible digital signature certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & address of the OIT | : | Executive Engineer, MInor Irrigation Division, Dhenkanal At/P.O./District-Dhenkanal, Ph.No./Fax No.- 06762-224461, Email ID: eemidkl@yahoo.co.in |
| Further details can be seen from the e-Procurement market place http://tendersorissa.gov.in | | |

**Sd./- Executive Engineer, M.I. Division, Dhenkanal**
OIPR-32027/11/0005/2223

## ସଂକ୍ଷେପରେ

### ଦୁର୍ଗାପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ସୋହେଲା, ୨।୧୦(ଡି.ଏନ.ଏ.):** ସୋହେଲା ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ ଚାଲିଥିବା ଲୋକ ମହୋତ୍ସବ ପାର୍ବଣର ଚତୁର୍ଥ ସନ୍ଧ୍ୟାରେ ନଟରାଜ ଡ୍ୟାନସ ଏକାଡେମୀ ଭୁବନେଶ୍ୱର କଳାକାରମାନେ ଓଡିଶୀ ନୃତ୍ୟ ସହ ଅକ୍ଷୟ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ନୃତ୍ୟ ନାଟିକା ପରିବେଷଣ କରିଥିଲେ। ସଙ୍ଗୀତ ସମିତି ପଦ୍ମପୁର ଦ୍ୱାରା ଡାଲଖାଇ ଓ ପଞ୍ଚରସି ପରିବେଷିତ ହୋଇଥିଲା। ଆଞ୍ଚଳିକ କଳାକାର ସଂଘ ବାଲିଗୁଡାର କଳାକାରମାନେ କନ୍ଧମାଳର ଲୋକନୃତ୍ୟ ପରିବେଷଣ କରିଥିଲେ। କଳାକାର କୈଳାସ ଚନ୍ଦ୍ର ସାହୁ ପଶୁ, ପକ୍ଷୀଙ୍କ ଶବ୍ଦ ସହ ଅଭିନେତା ଓ ନେତାଙ୍କ ଶବ୍ଦ ଶୁଣାଇଥିଲେ। ସସ୍ମିତା ପରମଗୁରୁ ଏବଂ ଅଞ୍ଜନ କୁମାର ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଭଟଲି ବିଧାୟକ ସୁଶାନ୍ତ ସିଂ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

### ସୋହେଲା ରାମଲୀଳା: କୁମ୍ଭକର୍ଣ୍ଣ ବଧ

**ସୋହେଲା, ୨।୧୦(ଡି.ଏନ.ଏ.):** ବରଗଡ ଜିଲା ସୋହେଲା ସାର୍ବଜନୀନ ଦୁର୍ଗାପୂଜା ଅବସରରେ ଆୟୋଜିତ ହେଉଛି ରାମଲୀଳା। ରାମଲୀଳାର ଷଷ୍ଠ ରଜନୀରେ ଶ୍ରୀରାମ ଅଙ୍ଗଦଙ୍କୁ ଶାନ୍ତି ଦୂତ କରି ଲଙ୍କା ପ୍ରେରଣ କରିଛନ୍ତି। ହେଲେ ଏଥିରେ ଅଙ୍ଗଦ ବିଫଳ ହୋଇଛନ୍ତି। ଏହାପରେ ଯୁଦ୍ଧରେ ଚତୁର୍ବୀରଙ୍କୁ ବଧ କରିଛନ୍ତି ରାମ ଲକ୍ଷ୍ମଣ। କୁମ୍ଭକର୍ଣ୍ଣଙ୍କୁ ନିଦରୁ ଉଠାଇ ଯୁଦ୍ଧକୁ ପଠାଇଛନ୍ତି ରାବଣ। ଶେଷରେ କୁମ୍ଭକର୍ଣ୍ଣଙ୍କୁ ବଧ କରିଛନ୍ତି ଶ୍ରୀରାମ। ଏହାପରେ ଇନ୍ଦ୍ରଜିତ ରାମ ଲକ୍ଷ୍ମଣଙ୍କୁ ନାଗଫାଶ ବନ୍ଧନରେ ବାନ୍ଧି ପକାଇଛନ୍ତି। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହିସବୁ ଦୃଶ୍ୟ ରାମଲୀଳାରେ ଅଭିନୀତ ହୋଇଯାଇଛି। ଅଗସ୍ତି ଭୋଇଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ଚାଲିଛି।

### ହୀରାକୁଦ ବିସ୍ଥାପିତଙ୍କ ବୈଠକ

**ଜାମଟିକ୍ରା,୨।୧୦(ଡି.ଏନ.ଏ.):** ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗା ମାର୍କେଟରେ ହୀରାକୁଦ ବିସ୍ଥାପିତଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରଗଡ଼ ଜିଲାସ୍ତରୀୟ ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ହରିଶଙ୍କର ମେହେର, ସମ୍ପାଦକ ପ୍ରକାଶ ପ୍ରଧାନ, କୋଷାଧ୍ୟକ୍ଷଭାବେ ସୁଶୀଲ କୁମାର ସେଠକୁ ମନୋନୀତ କରାଯାଇଥିଲା। ଏଥିସହିତ ୧୫ ଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଛି। ବିସ୍ଥାପିତ ପରିବାର କିପରି ଭାବେ ସରକାରୀ ସୁବିଧା ପାଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ରାବଣ, ରାମ କଳାକାର ବରଣ

**ପାଇକମାଳ,୨।୧୦(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଗ୍ରାମରେ ୭୧ତମ ସାର୍ବଜନୀନ ଦୁର୍ଗାପୂଜା ଅବସରରେ ଚାଲିବ ରାବଣ ରାଜା। ଏଥିପାଇଁ ରବିବାର ରାବଣ, ରାମ, ଲକ୍ଷ୍ମଣ, ହନୁମାନ ଓ ନିର୍ଦ୍ଦେଶକଙ୍କୁ ବରଣ କରାଯାଇଛି। ରାବଣ ଭୂମିକାରେ ସୁଜିତ କୁମ୍ଭାର, ରାମ ଓମ ପ୍ରକାଶ ରଣା, ଲକ୍ଷ୍ମଣ ସୁରେଶ ଚନ୍ଦ୍ର ହଂସ, ହନୁମାନ ଲୋଚନ କାରେ ଓ ନିର୍ଦ୍ଦେଶନା ପାଇଁ ନାଟ୍ୟରତ୍ନପ୍ରାପ୍ତ ଯୁବ ନାଟ୍ୟକାର ଲଲିତ ଜଗତଙ୍କୁ ବରଣ କରାଯାଇଥିଲା। ପଣ୍ଡିତ ସୁବଳ ପଣ୍ଡା, ଘନଶ୍ୟାମ ପାଢୀ, କର୍ତ୍ତା ପ୍ରତାପ ପଟ୍ଟନାୟକ ଓ ପୂଜା କମିଟି ସଭାପତି ରୁଷି ଦେବ ରଣା, ଜଗନ୍ନାଥ ପୁଟ ପ୍ରମୁଖ ଉପସ୍ଥିତ ଥିଲେ।

### ୪୦ ହଜାର ଜରିମାନା ଆଦାୟ

**ବାଉଁଶୁଣୀ,୨।୧୦(ଡି.ଏନ.ଏ.):** ରବିବାର ସକାଳେ ବାଉଁଶୁଣୀ ରାଜସ୍ୱ ନୀରିକ୍ଷକ ସୁଜିତ କୁମାର ସାହୁ ବୌଦ୍ଧ ତହସିଲ ଅନ୍ତର୍ଗତ ବାଘ ନଦୀ ଘାଟରୁ ବେଆଇନ ଭାବେ ବାଲି

**ବାଲି ଚୋରାଚାଲାଣ**

ପରିବହନ କରୁଥିବା ୩ଟି ଟ୍ରାକ୍ଟର ମାଲିକଙ୍କ ଠାରୁ ୩୦ ହଜାର ଟଙ୍କା ଓ ପଥର ବୋଝେଇ କରୁଥିବା ଗୋଟିଏ ଟ୍ରାକ୍ଟର ମାଲିକଙ୍କ ଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ପୃଥକ ପୃଥକ ସ୍ଥାନରେ ଏହି ଚଢ଼ାଉ ହୋଇଥିଲା। ବାରମ୍ବାର ଚଢାଉ କରାଯାଇ ଜରିମାନା ଆଦାୟ କରାଯାଉଥିବା ସତ୍ତ୍ୱେ ବେପାରୀମାନେ ବାଲି ଚୋରାଚାଲାଣ କରୁଛନ୍ତି। ବୌଦ୍ଧରେ ନୂତନ ଜିଲାପାଳଙ୍କ ଯୋଗଦାନ ପରେ ବାଲି ଚୋରାଚାଲାଣ ରୋକିବା ପାଇଁ ଧରପଗଡ ଚାଲିଛି। ହେଲେ ରାତିରେ ବାଲି ଚୋରାଚାଲାଣ କରାଯାଉଛି। ବିନା କାଗଜପତ୍ରରେ ବାଉଁଶୁଣୀ ଅଞ୍ଚଳରେ ଚାଲିଛି ଅନେକ ଗାଡି। ଯଦି ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହେଲେ ବାଲି ଚୋରାଚାଲାଣ ସହିତ ଦୁର୍ଘଟଣା କମିବାର ସମ୍ଭାବନା ରହିଛି।

# ପଠନ, ଲିଖନ ପ୍ରତି କମୁଛି ଆଗ୍ରହ

## ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମର ୧୦୦ତମ ପୂର୍ତ୍ତି ପାଳନ ସମାରୋହ

**ବରଗଡ଼ ଅଫିସ୍,୨।୧୦**

ଏବେ ସମସ୍ତେ ମୋବାଇଲ ହ୍ୱାଟ୍ସଆପ୍‌ରେ ବ୍ୟସ୍ତ। ହ୍ୱାଟ୍ସଆପ୍‌ରେ ଆସିଥିବା ମ୍ୟାସେଜକୁ ପଢ଼ି ଯଦି କିଛି ତ୍ରୁଟି ରହିଛି, ତାହା ସଂଶୋଧନ କରିବା ବଦଳରେ ଅନ୍ୟମାନଙ୍କୁ ସିଧାସଳଖ ଫରୱାର୍ଡ଼ କରିଦେବା ଏବେ ଅଭ୍ୟାସରେ ପରିଣତ ହୋଇଗଲାଣି। କେବଳ ପିଲାମାନେ ନୁହନ୍ତି ସଭିଁଙ୍କ ପକ୍ଷରେ ପଠନ, ଲିଖନ ପ୍ରତି ଆଗ୍ରହ କମିବାରେ ଲାଗିଛି ଏବଂ ସାମ୍ପ୍ରତିକ ସ୍ଥିତିରେ ଏହା ଏକ ବଡ଼ ସମସ୍ୟାଭାବେ ମୁଣ୍ଡ ଟେକିଛି। ରବିବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଦ୍ୱାରା ଆୟୋଜିତ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମର ୧୦୦ତମ ପୂର୍ତ୍ତି ପାଳନ ସମାରୋହରେ ମୁଖ୍ୟବକ୍ତାଭାବେ ଯୋଗଦେଇ ଶିକ୍ଷାବିତ୍ ତଥା ସ୍ତମ୍ଭକାର ପ୍ରୀତିଶ ଆଚାର୍ଯ୍ୟ ଏହା କରିଛନ୍ତି। ସେ ଆହୁରି କହିଥିଲେ, ଏଭଳି ସ୍ଥିତିରେ ଶିଶୁମାନଙ୍କୁ ପୁସ୍ତକ ମନସ୍କ କରାଇବା ଦିଗରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଗୁଣ୍ଡୁଚି ମୂଷା ଭଳି କାମ କରୁଛି। ପିଲାଙ୍କଠାରେ ପଠନ, ଲିଖନ ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ଭ୍ରାମ୍ୟମାଣ ପାଠାଗାର ପିଲାଙ୍କ ପାଖକୁ ପହଞ୍ଚୁଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଅଭିଭାବକଙ୍କଠାରେ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ ଏବଂ ଓଡ଼ିଆ ଭାଷା ସାହିତ୍ୟର ବିକାଶ ସାଧିତ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ।

ମୁଖ୍ୟଅତିଥିଭାବେ ଯୋଗଦେଇ ବରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ କହିଥିଲେ, ଜ୍ଞାନ ଆହରଣ ପାଇଁ ପଢ଼ିବା, ଲେଖିବାର ନିତାନ୍ତ ଆବଶ୍ୟକତା ରହିଛି। ହେଲେ କରୋନା କାଳର ୨ବର୍ଷ ଅବଧିରେ ପଢ଼ିବା, ଲେଖିବା ବଦଳରେ ପିଲାଙ୍କୁ ଅନଲାଇନ ପାଠପଢ଼ା ସାହାରା ନେବାକୁ ପଡ଼ିଥିଲା। କିନ୍ତୁ ତାର ୨ବର୍ଷ ପୂର୍ବରୁ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଅନୁଷ୍ଠାନ ପିଲାଙ୍କ ପାଖରେ ପାଠାଗାର ଭଳି ଭଳି ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇ ପ୍ରୟାସ ଜାରି ରଖିଛି ତାହା କେବଳ ବରଗଡ଼ ନୁହେଁ ସମଗ୍ର ରାଜ୍ୟରେ ଉଦାହରଣ ସୃଷ୍ଟି କରିଥିବାବେଳେ ପିଲାଙ୍କୁ ପୁସ୍ତକ ମନସ୍କ କରାଇବାରେ ଏକ ଆନ୍ଦୋଳନର ରୂପ ଦେବାକୁ ଯାଉଛି। ଏହି ପ୍ରୟାସରେ ପିଲାମାନଙ୍କୁ ପୁସ୍ତକ ପଠନ ପ୍ରତି ପ୍ରେରିତ କରିବା ସହିତ ମାତା,ପିତା ତଥା ଅଭିଭାବକଙ୍କୁ ପୁସ୍ତକ କ୍ରୟ କରିବାକୁ ବାଧ୍ୟ କରିବ ଏବଂ ଆମ ସାହିତ୍ୟର ବିକାଶ ସାଧିତ ହୋଇ ପାରିବ ବୋଲି ସେ କହିଥିଲେ। ସେହିପରି ବରଗଡ଼ ଜିଲାର ବରପୁତ୍ର ମାନଙ୍କ ଜୀବନୀ ଆଧାରିତ ପୁସ୍ତକ ପିଲାଙ୍କ ପାଇଁ ପ୍ରକାଶ କରିବା ଉପରେ ବିଧାୟକ ଆଚାର୍ଯ୍ୟ ଗୁରୁତ୍ୱାରୋପ କରିଥିଲେ।

ଅନୁଷ୍ଠାନ ସଭାପତି ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ର ଗାନ୍ଧି ସ୍ମୃତି ପାଠାଗାରକୁ ପୁସ୍ତକ ମିତ୍ର ସମ୍ମାନ, ପ୍ରଫେସର ଡଃ ପ୍ରୀତିଶ ଆଚାର୍ଯ୍ୟଙ୍କୁ ପୁସ୍ତକ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ସହିତ କାର୍ଯ୍ୟକ୍ରମ ପୂର୍ବରୁ ଶହେଟି ସ୍ଥାନରେ ଆୟୋଜିତ ହୋଇଥିବା ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମର ୧୧୦ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରୋଟାରୀ ପବ୍ଲିକ ସ୍କୁଲର ଛାତ୍ରୀ ଆଦ୍ୟାଶ ପାଣିଗ୍ରାହୀ, ଶ୍ରୀୟା ସ୍ୱାଇଁଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଡଃ ରବିନାରାୟଣ ସାହୁଙ୍କ ରଚିତ ବଡ଼ ମଣିଷଙ୍କ ବଡ଼ପଣ ଏବଂ ମନୋରଞ୍ଜନ ମେହେରଙ୍କ ରଚିତ ବୁଲ୍‌ବୁଲ୍ ଓ ରକ୍ତ ଗୋଲାପ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅମ୍ବାପାଲିର ନୃତ୍ୟାଞ୍ଜଳି ଡ୍ୟାନ୍ସ ଏକାଡ଼େମୀ, ଏଇଏମ ଇଂଲିସ୍ ମିଡ଼ିୟମ ସ୍କୁଲ, ସାନ ଡ୍ୟାନ୍ସ ଏକାଡ଼େମୀର ଶିଶୁ କଳାକାରଙ୍କ ସମେତ ସୌମ୍ୟା ଶାଶ୍ୱତୀ ନାୟକ, ମାନବିକା ପଣ୍ଡା, ରୂପା ସାହୁ ନିଜ କଳା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନ ଉପସଭାପତି ଗୋପବନ୍ଧୁ ପୁରୋହିତ ସ୍ୱାଗତ ଭାଷଣ, ସହସମ୍ପାଦକ ଗୋପାଳକୃଷ୍ଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆବାହକ ଡଃ ରବି ନାରାୟଣ ସାହୁ ବିବରଣୀ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ସଭ୍ୟା ପାର୍ବତୀ ଦାଶ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

### ଆଞ୍ଚଳିକ କୃଷକ ମହାସଂଘର ପ୍ରତିଷ୍ଠା ଦିବସ

**ପାଇକମାଳ,୨।୧୦(ଡି.ଏନ.ଏ.)**

ବରଗଡ ଜିଲା ମାଣ୍ଡୋସିଲ କାଦୋଗୁଛା ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ କୃଷକ ମହାସଂଘ ମାଣ୍ଡୋସିଲର ୨୩ ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଗିରିଶ ଡନସନାଙ୍କ ସଂଯୋଜନା ଏବଂ ଗୁପତରାମ ବାରିକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାସଂଘ ସଭାପତି ରାଧେଶ୍ୟାମ ସାଆନ୍ତ, ଶରତ ତାଣ୍ଡି, ପନାଲାଲ ବାଗ, ରାମପ୍ରସାଦ ଲିଟି, ଚତୁର୍ଭୁଜ ସାହୁ, କେଶବ ସାଆନ୍ତ, ଅଲେଖ ଡନସନା, ଲୁକୁ ସିଂ କଲାରୀଙ୍କ ସଞ୍ଚାଳନାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ କୁମାର ମାଝି, ପଦ୍ମପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ କୁମାରମଣୀ ନାୟକ, ମୀନକେତନ ସାହୁ, ରାଜକୁମାର ସେଠ, ମୋହନ ଜଗତ, ରବିନାରାୟଣ ସାହୁ, ସଞ୍ଜୀବ କୁମାର ବରିହା, ଗଜରାଜ ସାଆନ୍ତ, ସହଦେବ ଧରୁଆ, କ୍ଷୀରୋଦ ଥପା, ପଦମନ ପଟେଲ, ଦେବ ବରିହା ପ୍ରମୁଖ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଭାରେ ପାଇକମାଳ ବ୍ଲକର ୧୦ ପଞ୍ଚାୟତରୁ ଆସିଥିବା ଚାଷୀ ତଥା ପରିବେଶପ୍ରେମୀ ଗନ୍ଧମାର୍ଦ୍ଦନ ପର୍ବତ ପ୍ରତି ସୃଷ୍ଟି ହେଉଥିବା ବିଭିନ୍ନ ବିପଦ ଉପରେ ଆଲୋଚନ କରାଯାଇଥିଲା। ଚାଷୀ ସଂଗଠନକୁ ମଜଭୁତ କରିବାକୁ ପଡିବ ବୋଲି ସଭାପତି ଶ୍ରୀରାମ ବାରିକ କହିଥିଲେ।

# ବୀରମହାରାଜପୁରରେ ଶାରଦୀୟ ଦୁର୍ଗାପୂଜା



ତ୍ରିବେଣୀ ଛକ ଦୁର୍ଗାପୂଜାରେ ହେଉଥିବା ମହିଷାସୁର ଦରବାରରେ ଅତିଥିମାନେ।

**ଅମରପାଲି, ୨।୧୦(ଡି.ଏନ.ଏ.)**

- ତ୍ରିବେଣୀ ଛକରେ ମହିଷାସୁର ଦରବାର
- ରଥପୁରରେ ରାବଣ ଦରବାର ଉଦ୍‌ଘାଟିତ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ବିଭିନ୍ନ ସ୍ଥାନରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ସଦର ତ୍ରିବେଣୀ ଛକ ଦୁର୍ଗାପୂଜାରେ ଶନିବାର ମନ୍ଦିର ପରିସରରେ ଦିନବେଳା ଶାନ୍ତନୁ ତ୍ରିପାଠୀ ବ୍ୟାସଭାବେ ଯୋଗଦେଇ ସୁନ୍ଦରାକାଣ୍ଡ ପଠନ କରିଥିଲେ। ରବିବାର ତେଲେଣ୍ଡାର ଗୋବର୍ଦ୍ଧନ ମିଶ୍ର ବ୍ୟସଭାବେ ଯୋଗଦେଇ ଚଣ୍ଡିପୁରାଣ ପଠନ କରିଥିଲେ। ସନ୍ଧ୍ୟାରେ ମହିଷାସୁର ନଗର ପରିଭ୍ରମଣ କରିଥିଲେ। ମହିଷାସୁର ଦରବାରରେ ମୁଖ୍ୟ ଅତିଥି ଭାବେ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ ଉପସ୍ଥିତ ଥିଲେ। ସାହିତ୍ୟିକ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଯୁଗଳ କିଶୋର ମିଶ୍ର ସଭାକୁ ସଂଯୋଜନା କରିଥିଲେ।

ସେହିପରି ରଥପୁର ଦୁର୍ଗାପୂଜା ଅବସରରେ ଚାଲିଥିବା ରାବଣ ଦରବାରକୁ ସ୍ଥାନୀୟ ଜେଲ ଅଧିକ୍ଷକ ଅଞ୍ଜଳି ପୁଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂଜା କମିଟି ମୁଖ୍ୟ ଉପଦେଷ୍ଟା ସ୍ୱାଧିନ ଖଟୁଆ ରାଜ ଅତିଥିଭାବେ ଦରବାରରେ ଉପସ୍ଥିତ ଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ଲଙ୍କେଶ ରାବଣଙ୍କ ସିଂହାସନ ଆରୋହଣ, ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ, ସୀତା ଚୋରି ଆଦି ଦୃଶ୍ୟ ପରିବେଷଣ ହୋଇଯାଇଛି। ରବିବାର ବନ୍ଦିତା ନାୟକ ସୁନ୍ଦରାକାଣ୍ଡ ପରାୟଣ କରିଥିଲେ। ଯୁଗିପାଲି ଓ ପଣ୍ଡକିଟାଲ ମଧ୍ୟରେ ସଂକୀର୍ତ୍ତନ୍ୟ ବୈଠକ ପରିବେଷଣ ହୋଇଥିଲା। ଉଫୁଲାରେ ଦୁର୍ଗାପୂଜା ପାଇଁ କଳସ ଯାତ୍ରା କରାଯାଇଥିଲା। ଜଳପୂର୍ଣ୍ଣ କଳସ ମଣ୍ଡପରେ ସ୍ଥାପନ ପରେ ପୂଜା ଆରମ୍ଭ ହୋଇଛି।

### ଦୁର୍ଗାପୂଜା ଉପଲକ୍ଷେ ରକ୍ତଦାନ ଶିବିର

**ବାଉଁଶୁଣୀ,୨।୧୦(ଡି.ଏନ.ଏ.)**

ବୌଦ୍ଧ ଜିଲାର ବାଉଁଶୁଣୀ ଡିମିରିପାଲି ଦୁର୍ଗା ପୂଜା କମିଟି ତରଫରୁ ଚଳିତବର୍ଷ ୫୫ତମ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି । ଅଷ୍ଟମୀ ତିଥିରେ ରବିବାର ଦିନ ଡିମିରିପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ଡିମିରିପାଲି ଦୁର୍ଗାପୂଜା କମିଟି ତରଫରୁ କୋଭିଡ ସମୟରେ ପ୍ରାଣ ହରାଇଥିବା ସ୍ୱର୍ଗତ ପ୍ରଫୁଲ୍ଲ ଗାଇଗୋରିଆଙ୍କ ସ୍ମୃତିରେ ଏବଂ ମହାତ୍ମାଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ସମିତିସଭ୍ୟ ପ୍ରମୋଦ ଦେହୁରୀ ଶିବିର ଉଦଘାଟନ କରିଥିଲେ। ଶିବିରରେ ମୋଟ ୭୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମେଡ଼ିକାଲ ଅଫିସର ଡ. ବିରେନ ସାହୁ, ବନୋଜ କୁମାର ପ୍ରଧାନ, ଇପ୍ସିତ ପଟ୍ଟନାୟକ, ଦେବଦତ୍ତ କିସାନ, ସୁରଜ ଶେଖର ଭୁକ୍ତା ରକ୍ତଦାନ ଶିବିର ପରିଚାଳନା କରିଥିଲେ। ଶିବିରରେ ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିବା ସହ ଅଞ୍ଚଳର ଯୁବକମାନେ ସାମିଲ ହୋଇ ରକ୍ତଦାନ କରିଥିଲେ।

# ଦେବୀ ମାହେଶ୍ୱରୀଙ୍କ ସ୍ନାନ ଯାତ୍ରା

**ଅମରପାଲି, ୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ଦେ ବୀ ମାହେଶ୍ୱରୀଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଦେବୀ ମାହେଶ୍ୱରୀ ଛତିଛତ୍ର, ବାନାବୈରଖ ସହ ଢୋଲ, ନିଶାଣ, ମହୁରୀ ଓ ଘଣ୍ଟ ବାଦ୍ୟ ପରିବେଷଣ ପୂର୍ବକ ନିକଟସ୍ଥ ଯୋର ତଥା ମହାନଦୀକୁ ସ୍ନାନ ପାଇଁ ଯାଇଥିଲେ । ଏହି ଅବସରରେ ବିଭିନ୍ନ ଗ୍ରାମରେ ପାରମ୍ପରିକ ବାଡି ଖେଳ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ହିଲୁଙ୍ଗ, ଉଫୁଲା, ମେଣ୍ଡାମାଲ, ବାଗବର ଓ ଷଣ୍ଢା ଆଦି ଗ୍ରାମର ଦେବୀ ମାହେଶ୍ୱରୀ ସ୍ଥାନୀୟ ମୁଖ୍ୟଛକ ଦେଇ ମହାନଦୀକୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଯାଇଥିଲେ। ଶୋଭାଯାତ୍ରାବେଳେ ବାଡି ଖେଳ ସହିତ ବିଭିନ୍ନ ପାରମ୍ପରିକ ନାଚ ଓ ଶକ୍ତି ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଦେବୀ ମାହେଶ୍ୱରୀ ସ୍ନାନଯାତ୍ରାରେ ଯିବା ପରେ ନିର୍ଜଳା ଓପାସରେ ରହିଥିବା ଭଉଣୀମାନେ ନିଜ ନିଜ ଭାଇମାନଙ୍କ ପାଇଁ ଭାଇଜିଉଁତିଆ ଓଷା ପାଳନ କରିଥିଲେ। ବ୍ଲକ ଅନ୍ତର୍ଗତ ଉଫୁଲା, ହିଲୁଙ୍ଗ, ମେଣ୍ଡାମାଲ, ଷଣ୍ଢା, ବାଗବର, ଦେଉଳମୁଣ୍ଡା, ଭାଲିଆପଦର, ଝାରକୁମୁଣ୍ଡା, ଜଟେସିଂହା, କର୍ତ୍ତାପାଲ, କମିରା, ଲଖନି, କମଳପୁର, ଗୌଡ଼ଗାଡ, ଟେଭାପଦର, ଆମସରଭଟ୍ଟା, ପିତାମହୁଲ, ଗୋବିନ୍ଦପୁର, ଡୁମୁରି, ବର୍ତ୍ତାକଟା, ପୁରସ୍ତମପାଲିରେ ଦେବୀ ମାହେଶ୍ୱରୀଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ବୀରମହାରାଜପୁରରେ ମା' ମାହେଶ୍ୱରୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ମନେ ପଡ଼ନ୍ତି

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କମଳା କୁମାରୀ ନନ୍ଦ

ସ୍ୱାଃ ୰ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮
(ଅନନ୍ତବ୍ରତ)
ତିରୋଧାନ: ୧୯।୧୦।୨୦୦୭
(ମହାଷ୍ଟମୀ)
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।

**ପରିବାରବର୍ଗ ।**

ଧ-୧୬୯୮

# ସେବା ମାନବ ଜୀବନର ବ୍ରତ ହେଉ

**ଅମରପାଲି, ୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ସମାଜସେବୀ ସଙ୍ଗଠନ ଶିୟା ପରିବାରର ଅଷ୍ଟମ ବାର୍ଷିକ ଉତ୍ସବ ଓ ନୂଆଁଖାଇ ଭେଟ୍‌ଘାଟ ରବିବାର ପାଳନ କରାଯାଇଛି। ସଙ୍ଗଠନ ସମ୍ପାଦକ ସୁଦାମ ଗାଇଗରିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବୁବନେଶ୍ୱରସ୍ଥିତ କ୍ରିୟା ଫାଉଣ୍ଡେସନ ଅଧ୍ୟକ୍ଷା ଲିଲି ଜେନାମଣି ମୁଖ୍ୟ ଅତିଥି, ପୂର୍ବତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ ରଥ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ତଥା ଏକ୍ସନଏଡର ଜାତୀୟ ଆବାହକ ଘାସିରାମ ପଣ୍ଡା ଓ ରବିନ୍ଦ୍ରନାଥ ଯୁନିଅର କଲେଜ ଅଧ୍ୟକ୍ଷ ଜଗବନ୍ଧୁ ବେରିହା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସିୟା ପରିବାରର ସମାଜ ସେବା ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ସମାଜ ସେବା ମାନବ ଜୀବନର ବ୍ରତ ହେଉ ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ରାଧେଶ୍ୟାମ ପାଣ୍ଡେଙ୍କ ନିର୍ଦ୍ଦେଶନରେ ଶିଶୁ କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସଙ୍ଗଠନ କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁଦାମ ଗାଇଗରିଆ ବିବରଣୀ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମାଜସେବା ପାଇଁ ସୁବର୍ଣ୍ଣପୁର ଜିଲା ମାହେଶ୍ୱରୀ ସେନା, ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ, ଗୋବିନ୍ଦପୁରର ସତ୍ୟସାଇ ଯୁବକ ସଂଘ, ଜଟେସିଙ୍ଘାର ଭୀମଭୋଇ ସେବା ସଂଘ, ରେଆର ସୋନପୁର ଓ ବିନିକାର ହେଲ୍ପ ଟୁ ଅଦର ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଯୁବ କବି ଚମ୍ପେଶ୍ୱର ଦାନୀ ଓ ଦେବଦତ୍ତ ପଣ୍ଡାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇ ଥିଲା। ପରେ ଗୋବିନ୍ଦ ପଧାନ ଓ ପ୍ରମୋଦ ପଣ୍ଡାଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସିୟା ସଦସ୍ୟ ଦିଲ୍ଲୀପ ପ୍ରଧାନ, ସୋମିତ୍ରୀ ରଣା, ଶରତ ମେହେର, ବାସୁଦେବ ବେହେରା, ସୁମନ ବେଲଘରିଆ, ବାପି ମିଶ୍ର, ଭରଦୁଆଜ କର୍ମୀ, ସତ୍ୟ ରଞ୍ଜନ ମେହେର ପ୍ରମୁଖ ସହଯୋଗ କରିଥିଲେ।




ଶିୟା ସଙ୍ଗଠନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, DHENKANAL**
**No.2447 / Dt.27.09.22**
**e-Procurement Notice**
**Bid Identification No. DMID / 07/ 2022-23**
**e-mail ID: eemidkl@yahoo.co.in**

No.A-566:- The Executive Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in different Block of Dhenkanal District for the year 2022-23 under MATY and Special Repair Scheme |
| No. of works | : | 06 (Six) only |
| Estimated cost | : | Varies from 20.00 lakh to 83.04 lakh (Approximately) |
| Cost of tender paper | : | 6000/- to 10000/- (Non-refundable) |
| Period of completion | : | 06 (Six) calendar months |
| Availability of bid documents for sale and receipt through online | : | From dt.13.10.2022, 10.00 A.M. to dt.24.10.2022, upto 5.00 P.M. |
| Last date / time of receipt of bids in the portal | : | 24.10.2022 (5.00 P.M.) |
| Date of technicla bid opening through online | : | On dt.25.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of financial bid opening through online | : | On dt.29.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of transparenet lottery | : | 31.10.2022 at 11.00 A.M. |
| Mode of payment of bid cost | : | Online |
| Digital signature certificate of bidder | : | The bidder must possess compatible digital signature certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & address of the OIT | : | Executive Engineer, MInor Irrigation Division, Dhenkanal At/P.O./District-Dhenkanal, Ph.No./Fax No.- 06762-224461, Email ID: eemidkl@yahoo.co.in |
| Further details can be seen from the e-Procurement market place http://tendersorissa.gov.in | | |

**Sd./- Executive Engineer, M.I. Division, Dhenkanal**
OIPR-32027/11/0005/2223